# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ଚତୁର୍ଥ ଅଧିବେଶନ

## ମଙ୍ଗଳବାର , ସେପ୍ଟେମ୍ବର ୨୯ , ୨୦୨୦

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

**ପ୍ରଶ୍ନ ସଂଖ୍ୟା - ୧୦୩**

**( ପଞ୍ଚାୟତିରାଜ ଓ ପାନୀୟ ଜଳ,ଗ୍ରାମ୍ୟ ଉନ୍ନୟନ,ଜଙ୍ଗଲ ଓ ପରିବେଶ,ଗୃହ ନିର୍ମାଣ ଓ ପୌର ଉନ୍ନୟନ,ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା,ସଂସଦୀୟ ବ୍ୟାପାର,ଆଇନ )**

### ଖୋଲାଯାଇଥିବା TMC ସଂଖ୍ୟା

**୧ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ଚଳିତ କୋଭିଡ-19ରେ, ବିଭିନ୍ନ ରାଜ୍ୟରୁ କେତେଗୋଟି ପ୍ରବାସି ଓ ଶ୍ରମିକ TMC ରେ ରହିଥିଲେ ଓ ମୋଟ କେତେ ପ୍ରବାସି ବା ଶ୍ରମିକ ପଞ୍ଚାୟତ (TMC) ମାନଙ୍କରେ ରେଜିଷ୍ଟ୍ରେସନ କରିଥିଲେ ଓ ଏ ବାବଦରେ ମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ଏହାର ପ୍ରତି ଜିଲ୍ଲାର ବ୍ଲକ ସହ ପଞ୍ଚାୟତ (TMC) ତାଲିକା ପ୍ରଦାନ କରିବେ କି; (ଖ) ରାଜ୍ୟରେ ମୋଟ କେତେଗୋଟି TMC ଖୋଲାଯାଇଥିଲା ଏବଂ ସେମାନଙ୍କ ଭିତରେ କେତେ ପ୍ରବାସିଙ୍କ କରୋନା ଟେଷ୍ଟ କରାଯାଇଥିଲା ; ଏହି ସମସ୍ତ ଖର୍ଚ୍ଚ ସରକାର କେଉଁ କେଉଁ ଅନୁଦାନରୁ ଖର୍ଚ୍ଚ କରିଥିଲେ?

### କୋଭିଡ-19 ସମୟରେ ଫେରିଥିବା ପ୍ରବାସୀ ଶ୍ରମିକ

**୨ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଚଳିତ ବର୍ଷ କୋଭିଡ୍-19 ରେ, କୋରୋନା ସମୟରେ ମୋଟ କେତେ ପ୍ରବାସି ଓଡିଶା ରାଜ୍ୟକୁ ଫେରିଥିଲେ ; ଏମାନଙ୍କ ମଧ୍ୟରେ ମୋଟ କେତେ ଶ୍ରମିକଥିଲେ ଏବଂ ରାଜ୍ୟରେ କେତେଗୋଟି ଶ୍ରମିକ ବା ପ୍ରବାସି ଲେବର ଅଫିସରେ ରେଜିଷ୍ଟ୍ରସେନ କରିଥିଲେ ; ଏହାର ପ୍ରତି ଜିଲ୍ଲାର ବ୍ଲକୱାରୀ ଶ୍ରମିକ ଓ ପ୍ରବାସିଙ୍କ ତାଲିକା ପ୍ରଦାନ କରିବେ କି ; (ଖ) ଏହି ପ୍ରବାସି ଶ୍ରମିକମାନଙ୍କ ଭିତରେ କେତେଜଣ ଶ୍ରମିକ ଜୀବନ ଜିବିକା ପାଇଁ ଅନ୍ୟ ରାଜ୍ୟକୁ ଫେରସ୍ତ ହୋଇଛନ୍ତି ; ଏମାନଙ୍କର ମଧ୍ୟ ପ୍ରତି ଜିଲ୍ଲାର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ଏବଂ ଏହି ଫେରିଥିବା ଶ୍ରମିକମାନଙ୍କ ମଧ୍ୟରୁ ସରକାର କେତେ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦେଇଛନ୍ତି ଏହାର ମଧ୍ୟ ପ୍ରତି ଜିଲ୍ଲାର ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି?

### ନିମ୍ନମାନର LED Light ଲଗାଇବା

**୩ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ମୋଟ୍ କେତେଗୋଟି ଏନ୍.ଏ.ସି ଏବଂ ମ୍ୟୁନସିପାଲିଟିମାନଙ୍କରେ LED Light ଖୁଣ୍ଟ ସାଙ୍ଗରେ complete fitting କେଉଁ କେଉଁ କମ୍ପାନୀ ଦ୍ୱାରା କିଣାଯାଇଛି ; ଏହାର ପ୍ରତି LED Light, ଖୁଣ୍ଟ, complete fitting ମୂଲ୍ୟ କେତେ ଏବଂ କେତେ ପରିମାଣରେ ଏନ୍.ଏ.ସି ଓ ମ୍ୟୁନସିପାଲଟିମାନଙ୍କ ପାଇଁ କିଣାଯାଇଛି ; ଏହାର ଏନ୍.ଏ.ସି ଓ ମ୍ୟୁନସିପାଲଟି wise ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି ପରେ କିଣାଯାଇଥିବା LED Light ଅତି ନିମ୍ନମାନ ଏବଂ ବଜାରରୁ ଅଧିକ ଦରରେ କିଣି ବହୁ ପରିମାଣରେ ଦୁର୍ନିତି କରାଯାଇଥିବା କଥା ସତ୍ୟ କି ; କଣ୍ଟାବାଞ୍ଜି ଏନ୍.ଏ.ସିରେ UDREAM Technology Pvt.Ltd ଦ୍ୱାରା ଅତି ନିମ୍ନମାନର LED Light ଓ ଖୁଣ୍ଟ ଏନ୍.ଏ.ସି ଏରିଆରେ ନଲଗାଇ ପଞ୍ଚାୟତ ଏରିଆ ଏବଂ ପୂର୍ତ୍ତ ବିଭାଗର ରାସ୍ତାରେ ବିନା ଅନୁମତିରେ ଲଗାଉଥିବା କାରଣ କଣ?

**କଣ୍ଟାବାଞ୍ଜି ଏନ୍.ଏ.ସିରେ ହୋଇଥିବା ଖର୍ଚ୍ଚ**

**୪ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଣ୍ଟାବାଞ୍ଜି ଏନ୍.ଏ.ସି ର ମୋଟ କେଉଁ କେଉଁ ହେଡରେ ଯଥା ଉନ୍ନତି ଯୋଜନା Road Development, Fouth SFC, Maintenance of Road, Bridge, Fourteen FC (Basic grant), Protection of Water Body, Non-Residential Building, MLA LAD, SDP, SPF, SBM, WODC ରେ କେଉଁ କେଉଁ ବର୍ଷ ପାଇଁ କେତେ କେତେ ଖର୍ଚ୍ଚ ହୋଇଛି ଏବଂ କେଉଁ କେଉଁ ବ୍ୟାଙ୍କରେ ଖାତା କରାଯାଇଥିଲା ଏବେ କେତେ ଟଙ୍କା ବେଲେଂସ ଅଛି ; ଏହାର ଖର୍ଚ୍ଚ ସହିତ ବର୍ଷୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି?

**RW SDO ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ**

**୫ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଟିଟିଲାଗଡ RW Division ଅର୍ନ୍ତଗତ କଣ୍ଟାବାଞ୍ଜି ସବିଡିଭିଜନ୍ ଟିଟିଲାଗଡ ସବ-ଡିଭିଜନରେ ଗତ 5 ବର୍ଷ 2014-15 ରୁ 2019-20 RW SDO କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା ଓ ମୁରିବାହାଲରେ ଏବଂ ଟିଟିଲାଗଡ RW SDO ତୁରେଇକେଲା ସେକ୍ସସନରେ ବହୁ ଦୁର୍ନୀତି ଏବଂ ନିମ୍ନମାନର କାର୍ଯ୍ୟକରିଥିବା ଅଭିଯୋଗ ହୋଇଥିଲେ ମଧ୍ୟ ସରକାର ଏମାନଙ୍କ ବିରୋଧରେ କି କି ତଦନ୍ତ କରାଇଛନ୍ତି ; (ଖ) କଣ୍ଟାବାଞ୍ଜି RW SDO ଗତ 6 ମାସ ତଳେ ଚାକିରିରୁ ଇସ୍ତଫା ଦେଇଥିଲେ ମଧ୍ୟ ସରକାର ଗ୍ରହଣ ନ କରିବାର କାରଣ ଏବଂ ଟିଟିଲାଗଡ RW SDO ନାମରେ ଏକାଧିକ ଭିଜିଲେଂସ କେସ ଥାଇ ମଧ୍ୟ ଏହି ଦୁଇ ଜଣଙ୍କ ବିରୋଧରରେ ତଦନ୍ତ ଓ ପଦକ୍ଷେପ ନ ନେବାର

କାରଣ କଣ ଏବଂ ସରକାର କଣ୍ଟାବାଞ୍ଜି RW SDO ଓ ଟିଟିଲାଗଡ RW SDO ଙ୍କ ବିରୋଧରେ କେଉଁ ସମୟ ସୀମା ମଧ୍ୟରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ?

**ଶ୍ରମିକଙ୍କ ନାମ ପଞ୍ଜିକରଣ**

**୬ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲାରେ ଶ୍ରମ ବିଭାଗ ଦ୍ୱାରା ଆଜି ସୁଦ୍ଧା କେତେଜଣ ଶ୍ରମିକଙ୍କ ନାମ ପଞ୍ଜିକରଣ କରାଯାଇଛି ; ଏହି ପଞ୍ଜିକରଣ ଦ୍ୱାରା ସେମାନେ କି କି ସୁବିଧା ପାଉଛନ୍ତି ଓ ବର୍ତ୍ତମାନ ସୁଦ୍ଧା କେତୋଟି ESI Hospital ଭଦ୍ରକରେ କାର୍ଯ୍ୟକାରୀ ହେଇଛି?

**ଭଦ୍ରକ ସହରକୁ ପାନୀୟ ଜଳ ଯୋଗାଣ**

**୭ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ସହରକୁ ପାନୀୟ ଜଳ ଯୋଗାଣ ପାଇଁ କେତେ କୋଟି ଟଙ୍କାର ପ୍ରକଳ୍ପର DPR ତିଆରି ହୋଇଛି ; ଭଦ୍ରକ ସହର ବହୁ ପୁରାତନ ହୋଇଥିବାରୁ ପାନୀୟ ଜଳର ସଂସ୍କାରର ଆବଶ୍ୟକତା ପଡୁଛି ; ତେଣୁ ଉପଯୁକ୍ତ ପରିଷ୍କାର ପିଇବା ପାଣି ଯୋଗାଇବା ପାଇଁ ସରକାର ଦୃଷ୍ଟି ଦେବେ କି?

**ହାତୀ ଉପଦ୍ରବ ଦ୍ୱାରା ଫସଲ ନଷ୍ଟ**

**୮ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲାର ଆଗରପଡା ନିକଟବର୍ତ୍ତୀ ପଞ୍ଚାୟତ B.T. Pur, ପୁରୁଷଣ୍ଡ, ମହାନ୍ତିପଡା ପ୍ରଭୃତି ପଞ୍ଚାୟତରେ ହାତୀ ଉପଦ୍ରବ ଯୋଗୁଁ ଫସଲହାନୀ, ମନୁଷ୍ୟ ମୃତ୍ୟୁ, ଘରବାଡି ଭାଙ୍ଗିବା ପ୍ରତ୍ୟେକ ବର୍ଷ ହେଉଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନେବେ କି?

**Habitation କୁ ସଂଯୋଗ ପାଇଁ ନୀତି ନିର୍ଦ୍ଧାରଣ**

**୯ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ Habitation କୁ ସଂଯୋଗ କରିବା ପାଇଁ ସରକାର ନୀତି ନିର୍ଦ୍ଧାରଣ କରିଥିଲେ ମଧ୍ୟ ଓଡିଶାରେ ରାଜସ୍ୱ ଗ୍ରାମକୁ Habitation ଧରାଯାଇ Project Selection କରାଯିବା ଯୋଗୁ ବଡ ବଡ ଗ୍ରାମର ବହୁ Habitation ଥିଲେ ମଧ୍ୟ ଉକ୍ତ Hamlet ଗାଁକୁ ରାସ୍ତା ନିର୍ମାଣ କରାଯାଇନାହିଁ ; ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବେ କି?

**ପଞ୍ଚାୟତଗୁଡିକର ଆୟ ବୃଦ୍ଧି ପାଇଁ ପଦକ୍ଷେପ**

**୧୦ . ଶ୍ରୀ ପ୍ରଫୁଲ୍ଲ ସାମଲ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପଞ୍ଚାୟତଗୁଡିକୁ ସ୍ଥାୟୀ ଶାସନ କ୍ଷମତା ପ୍ରଦାନ ଲାଗି ସରକାର କେଉଁ କେଉଁ ବିଭାଗ ବା ବିଷୟ ଗୁଡିକୁ ହସ୍ତାନ୍ତର କରିଛନ୍ତି ସଂଶୋଧିତ ଆଇନ ଅନୁସାରେ କେଉଁ ବିଭାଗଗୁଡ଼ିକ ହସ୍ତାନ୍ତର କରିବା

ବାକି ଅଛି ; ପଞ୍ଚାୟତଗୁଡ଼ିକର ଆୟ ବୃଦ୍ଧି ନିମନ୍ତେ ସରକାରଙ୍କର ପଦକ୍ଷେପ/ସୁପାରିଶ କଣ ; Covid-19 ରେ ସରପଞ୍ଚମାନଙ୍କୁ ଜିଲ୍ଲାପାଳଙ୍କ କ୍ଷମତା ପ୍ରଦାନ କେତେ ଦୂର ସଫଳ ହୋଇଛି ?

### କାର୍ଯ୍ୟ ନକରି ପାଉଣା ଦେବା

**୧୧ . ଶ୍ରୀ ନରସିଂହ ମିଶ୍ର :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟରତ ସରକାରୀ ଓକିଲମାନେ କାମ ନକରି ତାଙ୍କ ପାଉଣା ନେଉଥିବା ସମ୍ପର୍କରେ ବିଧାନସଭାରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପୁନଃ ନିଯୁକ୍ତି ଦିଆଯିବାର ଉଦ୍ଦେଶ୍ୟ କଣ; ସରକାର ସମ୍ପୃକ୍ତ ସରକାରୀ ଓକିଲଙ୍କୁ ଘଣ୍ଟ ଘୋଡାଇବାର ପ୍ରୟାସ କରୁଛନ୍ତି ନା ଏ ଦୁର୍ନୀତିରେ ରାଜ୍ୟ ସରକାର ସାମିଲ ଅଛନ୍ତି କି ; ଯଦି ନା, ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ କି?

### ନିମ୍ନମାନର ରାସ୍ତା କାର୍ଯ୍ୟ

**୧୨ . ଶ୍ରୀ ନରସିଂହ ମିଶ୍ର :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସାରା ରାଜ୍ୟରେ ବିଶେଷ କରି ବଲାଙ୍ଗୀର ଜିଲ୍ଲାରେ ନିର୍ମିତ ହେଉଥିବା RD ରାସ୍ତାଗୁଡିକର ନିମ୍ନମାନର କାମ ଯୋଗୁଁ ଅଳ୍ପ ଦିନରେ ନଷ୍ଟ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଏହା ଉପରେ ତଦନ୍ତ କରିବେ କି ; ଚନ୍ଦନଭାଟିରୁ ରଣାଖୋଲ PMGSY ରେ ନିର୍ମିତ ରାସ୍ତା ତିଆରିରେ ବର୍ଷେ ଭିତରେ ଦବିଯାଇ ବଡ ବଡ ଗାତ ହୋଇଥିବା ଯୋଗୁଁ ଜନସାଧାରଣ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସରକାର ଜାଣନ୍ତି କି ; ଏହି ନିମ୍ନମାନର କାମ ପାଇଁ ସମ୍ପୃକ୍ତ ଠିକାଦାର ଓ ଇଂଜିନିୟର ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି କିମ୍ବା କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନିଆଯିବ ସରକାର ଜଣାଇବେ କି?

### ନିମ୍ନମାନର ମିନିଷ୍ଟାଡିୟମ ନିର୍ମାଣ

**୧୩ . ଶ୍ରୀ ନରସିଂହ ମିଶ୍ର :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବଲାଙ୍ଗୀର R.D. Department ଦ୍ୱାରା ନିର୍ମିତ ମନହୀରା, ଛତାମଖନା, ହର୍ତାଟାଲ ମିନିଷ୍ଟାଡିୟମ ନିର୍ମାଣ କାମ ନିମ୍ନମାନର ଏବଂ ଏ ସମ୍ପର୍କରେ ବିଭାଗୀୟ ଇଂଜିନିୟର ଓ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାର କାରଣ କଣ; ସରକାର ତଦନ୍ତ କରି ପଦକ୍ଷେପ ନେବେ କି?

### ବେଆଇନ କାର୍ଯ୍ୟ ଉପରେ କାର୍ଯ୍ୟାନୁଷ୍ଠାନ

**୧୪ . ଶ୍ରୀ ନରସିଂହ ମିଶ୍ର :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବଲାଙ୍ଗୀର ଜିଲ୍ଲାରେ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ JE, AE କାମ କରିବା ପରିବର୍ତ୍ତେ କିଛି

ବେଆଇନ କାର୍ଯ୍ୟରେ ଲିପ୍ତଥିବା ସରକାର ଜାଣନ୍ତି କି; କେଉଁ ଇଂଜିନିୟରମାନେ କେତେ ଦିନ ହେଲା ସେଠାରେ ରହି ଆସିଛନ୍ତି ତାଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯିବ ଜଣାଇବେ କି?

**ଦୁର୍ନୀତି ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ**

**୧୫ . ଶ୍ରୀ ନରସିଂହ ମିଶ୍ର :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବଲାଙ୍ଗୀର ଓ ଦେଓଗାଁ ବ୍ଲକରେ ବ୍ୟାପକ ଦୁର୍ନୀତି ହେଉଥିବା ସରକାର ଜାଣନ୍ତି କି, ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ସରକାରୀ କର୍ମଚାରୀ ମାଧ୍ୟମରେ ସରକାରୀ ଅର୍ଥ ଲୁଟ କରୁଥିବା ଯୋଗୁଁ ଏହି ଦୁଇ ବ୍ଲକର ଅନିୟମିତତାର ଏକ ଭିଜିଲାନ୍ସ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବକି, ମନହୀରା ପଞ୍ଚାୟତର ସରପଞ୍ଚଙ୍କ ଦୁର୍ନୀତି ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏବଂ କେବେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେବ ?

**SECC List ରେ ଅନ୍ତର୍ଭୁକ୍ତ ପାଇଁ ପଦକ୍ଷେପ**

**୧୬ . ଶ୍ରୀ ଭୂପିନ୍ଦର ସିଂହ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ଜିଲ୍ଲାୱାରୀ କେତେଗୋଟି ଗାଁର SECC List ରେ ଅନ୍ତର୍ଭୁକ୍ତ ହୋଇନାହାଁନ୍ତି, ଏଇଥିପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ଏବଂ (ଖ) ନର୍ଲା ନିର୍ବାଚନ ମଣ୍ଡଳୀର କେତୋଟି ଗାଁ SECC List ରେ ନାହିଁ ତାର ଏକ ସବିଶେଷ ତାଲିକା ଦେବେ କି, ଆବାସ ଯୋଜନାରୁ ବଞ୍ଚିତ ରହିଥିବା ଲୋକଙ୍କ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ଜଣାଇବେ କି ?

**ଫିଲଟର ପିଇବା ପାଣି ବ୍ୟବସ୍ଥା**

**୧୭ . ଶ୍ରୀ ଭୂପିନ୍ଦର ସିଂହ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟର କେଉଁ କେଉଁ ସ୍ଥାନରେ ଦୂଷିତ ପିଇବା ପାଣି ଟାଙ୍କିରୁ ଆସୁଥିବାରୁ କେତୋଟି ସ୍ଥାନରେ ଫିଲଟର ପିଇବା ପାଣିର ବ୍ୟବସ୍ଥା କରାଯାଇଛି, ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, ଏବଂ (ଖ) ମ. ରାମପୁର ବ୍ଲକରେ ମଇଳା ପିଇବା ପାଣି ଆସୁ ଥିବାରୁ, ଫିଲଟର (Filter) ର ବ୍ୟବସ୍ଥା କରିବା ପାଇଁ ଶିଘ୍ର ପଦକ୍ଷେପ ନେବେ କି ?

**ନୂତନ NAC ଗଠନ**

**୧୮ . ଶ୍ରୀ ଭୂପିନ୍ଦର ସିଂହ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟର କେଉଁ କେଉଁ ସ୍ଥାନରେ NAC ଗଠନ କରିବା ପାଇଁ ପ୍ରସ୍ତାବ ଆସିଅଛି ଜଣାଇବେ କି, ଏବଂ (ଖ) କଳାହାଣ୍ଡି ଜିଲ୍ଲାର ନର୍ଲା ଏବଂ ମ. ରାମପୁର ସହରକୁ NAC ଘୋଷଣା କରିବା ପାଇଁ କିଛି ପ୍ରସ୍ତାବ ପାଇଛନ୍ତି କି, NAC ପାଇଁ କଣ ସବୁ ନିତି ନିୟମ ରହିଛି ଜଣାଇବେ କି ?

## ନର୍ଲା ଠାରେ JMFC କୋର୍ଟ ସ୍ଥାପନ

୧୯ . **ଶ୍ରୀ ଭୂପିନ୍ଦର ସିଂହ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) High Power Committee ର ସୁପାରିଶ ତଥା ଅର୍ଥ ବିଭାଗର ତଥ୍ୟ ଅନୁଯାୟୀ ନର୍ଲା ଠାରେ JMFC Court ର ବିଳମ୍ବର କାରଣ କଣ, ଏହାକୁ ଅତି ଶିଘ୍ର ନର୍ଲାରେ JMFC Court ର ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରିବେ କି, ଯେହେତୁ ନର୍ଲାରେ Court case ଅଧିକ ମାତ୍ରାରେ ପଡିରହି ଅଛି, ଏହାକୁ ସ୍ୱତନ୍ତ୍ର ଭାବରେ ଦୃଷ୍ଟିରେ ରଖି ଏହି ଆର୍ଥିକ ବର୍ଷରେ Court ଆରମ୍ଭ କରିବା ପାଇଁ ଏରିଆରେ ବହୁତ ଦାବି ରହୁଛି, ତେଣୁ Court ଆରମ୍ଭ କରିବେ କି, ଏବଂ (ଖ) ଯଦି ହଁ କେବେ ସୁଦ୍ଧା, ଯଦି ନାଁ ତାର କାରଣ ମାନ କଣ ଏବଂ ସେହିପରି ମ. ରାମପୁରରେ Sub-Judge Court ଆରମ୍ଭ କରିବା ପାଇଁ ଶିଘ୍ର ବ୍ୟବସ୍ଥା କରିବେ କି ?

## ସୁରକ୍ଷା ବୋର୍ଡ ଅଧିନରେ ପଞ୍ଜିକୃତ ଶ୍ରମିକ

୨୦ . **ଶ୍ରୀ ଭୂପିନ୍ଦର ସିଂହ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓଡ଼ିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧିନରେ ପଞ୍ଜିକୃତ ଶ୍ରମିକଙ୍କର ସଂଖ୍ୟା 81,302 ସତ୍ୟ କି, ଏହି କ୍ଷେତ୍ରରେ ଆଉ କେତେ ଜଣ ଶ୍ରମିକଙ୍କର ଦରଖାସ୍ତ ପଞ୍ଜିକୃତ ପାଇଁ ସୁରକ୍ଷା ବୋର୍ଡ ଅଧିନରେ ପଡି ରହିଛି ତାର ସଂଖ୍ୟା କେତେ ଓ ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, ଏବଂ (ଖ) ନର୍ଲା ନିର୍ବାଚନ ମଣ୍ଡଳୀରେ ପେଣ୍ଡିଙ୍ଗ୍ (pending) ଥିବା କେସ୍ କେତେ. ରେଜିଷ୍ଟ୍ରିଭୁକ୍ତ ଶ୍ରମିକମାନଙ୍କ ପାଇଁ କି କି ସୁବିଧା ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି ଜଣାଇବେ କି ?

## RD Road କାର୍ଯ୍ୟ ସମାପ୍ତ ପାଇଁ ପଦକ୍ଷେପ

୨୧ . **ଶ୍ରୀ ତାରା ପ୍ରସାଦ ବାହିନୀପତି :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଜୟପୁର RD Division ଅନ୍ତର୍ଗତ PWD Road ଠାରୁ ଘେଉଁରୀ-ଦାମାପୁଟ-ଫାମ୍ପୁଣି RD Road ର ନିର୍ମାଣ 2015 ଠାରୁ ଚାଲୁଅଛି କି, ଏହାର ମୂଳ Estimate କେତେ ଥିଲା, କେତେ ଟଙ୍କା ସମ୍ପୃକ୍ତ contractor ଙ୍କୁ ଦିଆଗଲାଣି, କେବେ ସେହି କାମ ସମାପ୍ତ ହେବ, Estimate କେତେ ବଢିଲାଣି, ଏବଂ (ଖ) ସେହି ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ବୋଲି ଅଭିଯୋଗ ଉପରେ ତଦନ୍ତ ନହେବାର କାରଣ କଣ ?

## କରୋନା ମହାମାରୀ ଦ୍ୱାରା ପଞ୍ଚାୟତି ରାଜ ବିଭାଗର ଅର୍ଥ ବ୍ୟୟ

୨୨ . **ଶ୍ରୀ ତାରା ପ୍ରସାଦ ବାହିନୀପତି :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସାମ୍ପ୍ରତିକ କରୋନା ମହାମାରୀ ପରିପ୍ରେକ୍ଷୀରେ ପଞ୍ଚାୟତି ରାଜ ବିଭାଗ ପ୍ରସ୍ତୁତି କଣ

ଅଟେ, ବିଭାଗ ପକ୍ଷରୁ କେତେ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି, କେଉଁ କେଉଁ ବାବଦରେ ତାହା ଖର୍ଚ୍ଚ ହେବ, ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ବ୍ୟୟ କରାଗଲାଣି, ତାହାର ଜିଲ୍ଲାୱାରୀ ତଥ୍ୟ ଦେବେ କି ?

## NREGS ବାବଦରେ କେନ୍ଦ୍ରଠାରୁ ମିଳିଥିବା ଅର୍ଥ

**୨୩ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) NREGS ବାବଦରେ ଗତ 5 ବର୍ଷରେ ରାଜ୍ୟକୁ କେନ୍ଦ୍ର ସରକାର କେତେ ଅର୍ଥ ଦେଇଛନ୍ତି, ସେହି ଅର୍ଥକୁ ବିଭିନ୍ନ ଜିଲ୍ଲାକୁ କିପରି ଆବଣ୍ଟନ କରାଯାଇଛି, ତାହାର ପରିସଂଖ୍ୟାନ ଦେବେ କି, ଏବଂ (ଖ) କୋରାପୁଟ ଜିଲ୍ଲାର ବ୍ଲକୱାରୀ ଅର୍ଥ ଆବଣ୍ଟନ ଓ ଖର୍ଚ୍ଚର ବିବରଣୀ ପ୍ରଦାନ କରିବେ କି, ଏହା ସଫଳ କି ?

## ନୂତନ ଡ୍ରେନ ନିର୍ମାଣ

**୨୪ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଜୟପୁର ପୌର ସଂସ୍ଥା ଅଧିନସ୍ଥ ରାସ୍ତା ଓ ଡ୍ରେନ ଅବସ୍ଥା ଅତ୍ୟନ୍ତ ଶୋଚନୀୟ କି, ବିଶେଷକରି ଡ୍ରେନର ଖରାପସ୍ଥିତି ଯୋଗୁ ବର୍ଷା ଓ ନର୍ଦ୍ଦମାପାଣି ଐତିହ୍ୟ ସମ୍ପନ୍ନ ଜଗନ୍ନାଥ ସାଗରରେ ପଡୁଛି କି, ଏହାକୁ ଦୃଷ୍ଟିରେ ରଖି ବର୍ଷା ଓ ନର୍ଦ୍ଦମା ପାଣିକୁ ଅନ୍ୟତ୍ର ଛାଡିବାର ବ୍ୟବସ୍ଥା ହେବ କି, ଏବଂ (ଖ) ନୂତନ ଡ୍ରେନ ନିର୍ମାଣର ପ୍ରସ୍ତାବ ଅଛି କି ?

## ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ

**୨୫ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଜୟପୁର ପୌରାଞ୍ଚଳରେ ବାସଗୃହ ନଥିବା ପରିବାର ସଂଖ୍ୟା କେତେ, କେତେ ପରିବାରକୁ ପ୍ରଧାନ ମନ୍ତ୍ରୀ ସହର ଆବାସ ଯୋଜନା ସାମିଲ କରାଯାଇଛି, ସେମାନଙ୍କୁ କେତେ ଅର୍ଥ ଦିଆଯାଇଛି, କେତେ ଘର ନିର୍ମାଣ ହେଲାଣି ଓ କେତେ ବାକି ପଡିଛି, ଏବଂ (ଖ) ବାଦ ପଡିଥିବା ପରିବାରଙ୍କୁ କେବେ ସୁଦ୍ଧା ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା ହେଉଛି ?

## ଏ.ଲି.ଡି. ଲାଇଟ୍ ବ୍ୟବସ୍ଥା

**୨୬ . ଶ୍ରୀ ଶଙ୍କର ଓରାମ୍ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ୟୁ.ଡି ପ୍ରଶ୍ନ ସଂ- 1269 ତା.25.02.2020 ରିଖ ଉତ୍ତର ପରିପ୍ରେକ୍ଷୀରେ ଏ.ଲି.ଡି. ଲାଇଟ୍ ଲଗାଇବାକୁ ଯେଉଁ ଅନୁରୋଧ କରାଯାଇଥିଲା, ତଦନୁଯାୟୀ କେବେ ଏ.ଲି.ଡି. ଲାଇଟ୍ ଲଗାଯାଇଛି ଏବଂ ଲଗାଯିବାର ଅଳ୍ପ ଦିନପରେ ଏ.ଲି.ଡି. ଲାଇଟ୍ ଜଳୁନଥିବା ବିଷୟ ସରକାର

ଅବଗତ ଅଛନ୍ତି କି, ଯଦି ନାହାନ୍ତି, ତେବେ ତୁରନ୍ତ ସେ ସ୍ଥଳକୁ ଅନୁଧ୍ୟାନ କରାଯାଇ ଉପୁଜିଥିବା ସମସ୍ୟାର ସମାଧାନ କରିବାକୁ ସରକାର ବିଚାର କରିବେ କି ?

**ପାଇପ୍ ମରାମତି କାର୍ଯ୍ୟ ସମାପ୍ତ ପାଇଁ ପଦକ୍ଷେପ**

**୨୭ . ଶ୍ରୀ ଶଙ୍କର ଓରାମ୍ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଯୁଡି ପ୍ରଶ୍ନ ସଂଖ୍ୟା 1268 ତା.25.02.2020 ରିଖ ଉତ୍ତର ପରିପ୍ରେକ୍ଷୀରେ ପରିଚାଳିତ ଛାତ୍ରାବାସର ଫାଟକ ନିକଟବର୍ତ୍ତୀ ଗୋଷ୍ଠୀ ପାଇଖାନାର ପାଇପର ମରାମତି କାର୍ଯ୍ୟ କେବେ କରାଯାଇଛି, ଯଦି କରାଯାଇ ନାହିଁ, ତେବେ ଶିଶୁ ମାନଙ୍କର ସୁରକ୍ଷା ଓ ବିଭିନ୍ନ ରୋଗରେ ଯେପରି ଆକ୍ରାନ୍ତ ନ ହୁଅନ୍ତି, ସେହି ସବୁକୁ ଧ୍ୟାନ ଦେବେ କେବେ ସୁଦ୍ଧା ଗୋଷ୍ଠୀ ପାଇଖାନାର ପାଇପ୍ ମରାମତି କରାଯିବ ?

**କୁଶଳୀ ଓ ଅଣକୁଶଳୀ ଶ୍ରମିକ ବାହାର ରାଜ୍ୟରେ କାର୍ଯ୍ୟକରିବା**

**୨୮ . ଶ୍ରୀ ଶଙ୍କର ଓରାମ୍ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର କେଉଁ କେଉଁ ଜିଲ୍ଲାରୁ କେତେ ସଂଖ୍ୟାର କୁଶଳୀ ଓ ଅଣକୁଶଳୀ ଶ୍ରମିକ ବାହାର ରାଜ୍ୟର କେଉଁ ରାଜ୍ୟରେ ରହି କାର୍ଯ୍ୟ କରୁଥିଲା ବେଳେ କୋଭିଡ୍ - 19, କରୋନା ଯୋଗୁଁ ଓଡ଼ିଶାକୁ ଫେରିବା ପାଇଁ ନାମ ପଞ୍ଜୀକରଣ କରିଥିଲେ ଓ ସେଥିରୁ କେତେ ସଂଖ୍ୟାର କୁଶଳୀ ଓ ଅଣ କୁଶଳୀ ଶ୍ରମିକ ରାଜ୍ୟକୁ ଫେରିଛନ୍ତି ଓ ଅଣ କୁଶଳୀ ଶ୍ରମିକ ରାଜ୍ୟକୁ ଫେରିଛନ୍ତି ଏବଂ ପୁନର୍ବାର ନିଜର ଜୀବିକା ପାଇଁ କେତେ ସଂଖ୍ୟାର କୁଶଳୀ ଓ ଅଣକୁଶଳୀ ଶ୍ରମିକ ଅନ୍ୟ କେଉଁ ରାଜ୍ୟକୁ ଯାଇଛନ୍ତି ଏବଂ ଓଡ଼ିଶାରେ ରହି କାର୍ଯ୍ୟ କରୁଥିବା କୁଶଳୀ ଓ ଅଣକୁଶଳୀ ଶ୍ରମିକ କର୍ମ ନିଯୁକ୍ତି ହରାଇଛନ୍ତି, ଏହି ସବୁର ଏକ ବିସ୍ତୃତ ବିବରଣୀ ପୌରାଞ୍ଚଳ, ବ୍ଲକ୍ ଓ ଜିଲ୍ଲାୱାରୀ ପ୍ରଦାନ କରିବେ କି ?

**କରୋନା ମହାମାରୀ ଦ୍ୱାରା ମିଳିଥିବା ଅନୁଦାନ**

**୨୯ . ଶ୍ରୀ ଶଙ୍କର ଓରାମ୍ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋଭିଡ 19 କରୋନା ଭୂତାଣୁର ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ମହାନଗର ନିଗମ, ବିଜ୍ଞାପିତ ଅଂଚଳ ଓ ପୌରାଞ୍ଚଳକୁ କେତେ ଟଙ୍କା ହିସାବରେ ରାଜ୍ୟର କେତେ ସଂଖ୍ୟାର ମହାନଗର ନିଗମ, ବିଜ୍ଞାପିତ ଅଞ୍ଚଳ ଓ ପୌରାଞ୍ଚଳକୁ ସଂଘରୋଧ କେନ୍ଦ୍ର, ଟି.ଏମ୍.ସି ଓ ଅନ୍ୟ କେଉଁ ବାବଦକୁ କେତେ ଟଙ୍କା ଲେଖାଏଁ ଦିଆଯାଇଛି ଓ ଦିଆଯିବାକୁ ଅଛି ଏବଂ ଯେଉଁମାନେ ସଂଘରୋଧ କେନ୍ଦ୍ର, ଟି.ଏମ.ସି.ରେ ରହି ନିର୍ଦ୍ଧାରିତ ସମୟପରେ ବାହାରିଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଦୁଇ ହଜାର ଟଙ୍କା ଦିଆଯାଇଛି ଓ କେତେ ଜଣଙ୍କୁ ଦିଆଯାଇନାହିଁ ଏହାର ଏକ

ବିସ୍ତୃତ ବିବରଣୀ ମହାନଗର ନିଗମ, ବିଜ୍ଞାପିତ ଅଂଚଳ ଓ ପୌରାଞ୍ଚଳ ଓ ଜିଲ୍ଲାୱାରୀ ପ୍ରଦାନ କରିବେକି?

**କରୋନା ମହାମାରୀ ଦ୍ୱାରା ପଞ୍ଚାୟତରେ ମିଳିଥିବା ଅନୁଦାନ**

**୩୦ . ଶ୍ରୀ ଶଙ୍କର ଓରାମ୍ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋଭିଡ 19 କରୋନା ଭୂତାଣୁର ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତ କେତେ ଟଙ୍କା ହିସାବରେ ରାଜ୍ୟର କେତେ ସଂଖ୍ୟାର ଗ୍ରାମପଂଚାୟତକୁ ସଂଘରୋଧ,କେନ୍ଦ୍ର, ଟି.ଏମ୍.ସି ଓ ଅନ୍ୟ କେଉଁ ବାବଦକୁ କେତେ ଟଙ୍କା ଲେଖାଏଁ ଦିଆଯାଇଛି ଓ ଦିଆଯିବାକୁ ଅଛି ଏବଂ ଯେଉଁମାନେ ସଂଘରୋଧ କେନ୍ଦ୍ର, ଟି.ଏମ.ସି.ରେ ରହି ନିର୍ଦ୍ଧାରିତ ସମୟପରେ ବାହାରିଛନ୍ତି, ସେମାନଙ୍କମଧ୍ୟରୁ କେତେଜଣଙ୍କୁ ଦୁଇ ହଜାର ଟଙ୍କା ଦିଆଯାଇଛି ଓ କେତେ ଜଣଙ୍କୁ ଏହି ଟଙ୍କା ଦିଆଯାଇନାହିଁ ଏହାର ଏକ ବିସ୍ତୃତ ବିବରଣୀ ବ୍ଲକ ଓ ଜିଲ୍ଲାୱାରୀ ପ୍ରଦାନ କରିବେକି?

**ଶ୍ରମ ଓ ଶ୍ରମିକ ନୀତି**

**୩୧ . ଶ୍ରୀ ନାଉରୀ ନାୟକ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡିଶାରେ କେତେ ସଂଖ୍ୟକ ସଂଗଠିତ ଓ ଅସଂଗଠିତ ଶ୍ରମିକ ମୁଖ୍ୟତଃ କେଉଁ କେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସର୍ବନିମ୍ନ ମଜୁରୀ ପ୍ରାପ୍ୟ ସହିତ ଅନ୍ୟାନ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର କିକି ଆଇନଗତ ଓ ଯୋଜନାଗତ ପଦକ୍ଷେପ ନେଇଛନ୍ତି ଏବଂ ସେସବୁ ଫଳରେ କେତେ ଅସଂଗଠିତ ଶ୍ରମିକ ଉପକୃତ ହୋଇଛନ୍ତି ତାର ଗତ 5 ବର୍ଷର ଜିଲ୍ଲାୱାରୀ ଓ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେକି, କୃଷି କ୍ଷେତ୍ରରେ କାର୍ଯ୍ୟରତ ସର୍ବାଧିକ ସଂଖ୍ୟକ ଶ୍ରମିକମାନଙ୍କୁ ଅଣକୃଷି କ୍ଷେତ୍ରକୁ ଆଣିବା ଉଚିତ ପଦକ୍ଷେପ ବୋଲି ସରକାର ବିଚାର କରୁଛନ୍ତି, ଉତ୍ତର ଯଦି ହଁ, ତେବେ ଏଥିପାଇଁ ସରକାର କି ଯୋଜନା କରିଛନ୍ତି, ସର୍ବଶେଷ ଥର ପାଇଁ ଓଡିଶା ଶ୍ରମ ଓ ଶ୍ରମିକ ନୀତି ପ୍ରଣୟନ କରାଯାଇଥିଲା ଏବଂ ତାହା ସାଂପ୍ରତିକ ପରିସ୍ଥିତିରେ କେତେଦୂର ପ୍ରାସଙ୍ଗିକ?

**CEMS ସ୍ଥାପନ**

**୩୨ . ଶ୍ରୀ ନାଉରୀ ନାୟକ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର କେଉଁ କେଉଁ ଖଣି ଓ ଶିଳ୍ପାନୁଷ୍ଠାନରେ ନିରନ୍ତର ନିର୍ଗମନ ତଦାରଖ ବ୍ୟବସ୍ଥା CEMS କେବେଠାରୁ ସ୍ଥାପନ କରାଯାଇଛି, ଏହି ଯନ୍ତ୍ର ସ୍ଥାପନ କରିବା ପରେ ସେଥିରୁ ମପାଯାଉଥିବା ନିର୍ଗମନ ମାତ୍ରାକୁ କେଉଁ କେଉଁ ସ୍ତରରେ କେଉଁ ବ୍ୟବସ୍ଥା ଓ ପଦ୍ଧତିରେ ରେକର୍ଡ ତଦାରଖ କରାଯାଇଥାଏ, ଯଦି କୌଣସି କାରଖାନାରୁ ନିର୍ଗମନ ମାତ୍ରା ନିର୍ଦ୍ଧାରିତ ମାନ ଠାରୁ କ୍ରମାଗତଭାବେ ଉର୍ଦ୍ଧ୍ୱରେ ରହିଲେ କି କି ପଦକ୍ଷେପ ନେବାର ବ୍ୟବସ୍ଥା ରହିଛି, ବିଗତ 1 ବର୍ଷ ମଧ୍ୟରେ କେଉଁ କେଉଁ ଶିଳ୍ପାନୁଷ୍ଠାନର

ଚିମିନିରୁ ନିର୍ଗମର ମାତ୍ରା ଅଧିକ ରହିଥିବାର ରେକର୍ଡ କରାଯାଇଛି ଏବଂ ପ୍ରଦୂଷଣର ମାତ୍ରା ନିର୍ଦ୍ଧାରିତ ମାନ ଠାରୁ ଉର୍ଦ୍ଧ୍ୱରେ ଥିବା କେଉଁ କେଉଁ ଖଣି ଓ ଶିଳ୍ପାନୁଷ୍ଠାନ ବିରୁଦ୍ଧରେ କେବେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ କେଉଁମାନଙ୍କ ବିରୁଦ୍ଧରେ କେଉଁ କାରଣରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାହା ଜଣାଇବେକି?

**ବର୍ଜ୍ୟଜଳ ପରିଚାଳନା**

**୩୩ . ଶ୍ରୀ ନାଉରୀ ନାୟକ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସମ୍ବଲପୁରର ରେଙ୍ଗାଲିଠାରେ ଅବସ୍ଥିତ ଭୂଷଣ କାରଖାନାରୁ ଦୈନିକ କେତେ ପରିମାଣର ବର୍ଜ୍ୟଜଳ ବାହାରୁଛି ଓ ଏହାକୁ ବିଶୋଧନ କରିବା ପାଇଁ କାରଖାନାରେ କେତେ କ୍ଷମତା ବିଶିଷ୍ଟ ETP ଅଛି, ବିଶୋଧିତ ଜଳକୁ ବିନିଯୋଗ କରିବା ପାଇଁ କି ପ୍ରକାରର ଉପାୟ ଅବଲମ୍ବନ କରାଯାଇଛି, ଏହାର ବର୍ଜ୍ୟଜଳକୁ ବିଶୋଧନ ନକରି ବାହାରକୁ ଛାଡୁଥିବାର ବୋର୍ଡ଼ କର୍ତ୍ତୃପକ୍ଷଙ୍କ କେବେ ନଜରକୁ ଆସିଛିକି, ଅବିଶୋଧିତ ବର୍ଜ୍ୟଜଳର କ୍ରମାଗତ ନିଷ୍କାସନ ଯୋଗୁଁ ନିକଟସ୍ଥ ନଦୀନାଳ ପ୍ରଦୂଷିତ ହୋଇଥିବାର ଅଭିଯୋଗ ହୋଇଛିକି, ଅଭିଯୋଗ ଉପରେ କି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କାରଖାନାର ଉକ୍ତ ବର୍ଜ୍ୟଜଳ ଯୋଗୁଁ ମହାନଦୀ ପ୍ରଦୂଷିତ ହେଉଥିଲେ ମଧ୍ୟ କାରଖାନା ବିରୁଦ୍ଧରେ ବୋର୍ଡ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ନନେବାର କାରଣ କଣ?

**ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ**

**୩୪ . ଶ୍ରୀ ନାଉରୀ ନାୟକ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସୁନ୍ଦରଗଡ ରାଜଗାଙ୍ଗପୁର ଠାରେ ଅବସ୍ଥିତ OCL India Ltd ରେ ସିମେଣ୍ଟ ଉତ୍ପାଦନ କ୍ଷମତା କେତେ, ଏହି କାରଖାନାରେ ବ୍ୟବହାର ହେଉଥିବା କଞ୍ଚାମାଲର ପ୍ରକ୍ରିୟାକରଣ ପାଇଁ କେତେଗୋଟି କେତେ କ୍ଷମତା ବିଶିଷ୍ଟ kiln ଅଛି, ଉକ୍ତ kiln ରୁ ଉତ୍ପନ୍ନ ହେଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କିକି ପ୍ରକାରର ବ୍ୟବସ୍ଥା ଅଛି,ସେଗୁଡିକ କାର୍ଯ୍ୟ କରୁଥିବା ଅଭିଯୋଗ ହସ୍ତଗତ ହୋଇଛିକି, kilnଗୁଡିକରୁ ଧୂଳିକଣା ବାହାର ସମଗ୍ର ଅଞ୍ଚଳକୁ ପ୍ରଦୂଷିତ କରୁଥିବା ବିଷୟରେ ସରକାର ଅବଗତ ଅଛନ୍ତିକି, ବୋର୍ଡ ଦ୍ୱାରା ନିକଟ ଅତିତରେ କେବେ କେବେ ପରିଦର୍ଶନ କରାଯାଇ ଚିମିନରୁ ନିର୍ଗତ ଧୂଳିକଣାର ମାତ୍ରା ପରୀକ୍ଷଣ କରାଯାଇଛି ଜଣାଇବା ସହ ସେଠାରେ ଲାଗିଥିବା continuous emission monitoring system ଦ୍ୱାରା ମପାଯାଉଥିବା ମାତ୍ରା ନିର୍ଦ୍ଧାରିତ ମାନଠାରୁ ଅଧିକ ରହୁଥିବାର ଲକ୍ଷ୍ୟ କରାଯାଉଛିକି, ଯଦି ହଁ ତେବେ କାରଖାନା ବିରୁଦ୍ଧରେ କି ପ୍ରକାରର ପଦକ୍ଷେପ ନିଆଯାଉଛି?

## Summary of the Report

**35 . Shri Nauri Nayak :** Will the Minister for Housing & Urban Development be pleased to state that - Details of steps taken under section-4,5,6,7,8,11,13 and section-17 of the prohibition of Employment as manual scavengers and their Rehabilitation Act-2013 and summary of the Reports sent to the Central Govt. from time to time and required under the Act.?

## ସ୍ୱଚ୍ଛ ପାନୀୟ ଜଳ ଯୋଗାଣ

**୩୬ . ଶ୍ରୀ ଦେବୀ ପ୍ରସାଦ ମିଶ୍ର :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓଡିଶାରେ ନିର୍ଦ୍ଧାରିତ ମୁଣ୍ଡପିଛା ସ୍ୱଚ୍ଛ ପାନୀୟ ଜଳ ମୁଣ୍ଡପିଛା ଉବଲବ୍ଧି ସଂପ୍ରତି କେତେ, ଏବଂ (ଖ) ସମସ୍ତଙ୍କୁ ଏହା ଉପଲବ୍ଧ ହେବା ପାଇଁ କେଉଁ କେଉଁ ଯୋଜନା ଓ ଅର୍ଥ ବରାଦ କରାଯାଇଛି କେବେ ଏହା ସଂପୁର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟକରାଯାଇଛି?

## ପରିମଳ ଯୋଜନାର ଉପକୃତ ହିତାଧିକାରୀ

**୩୭ . ଶ୍ରୀ ଦେବୀ ପ୍ରସାଦ ମିଶ୍ର :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓଡିଶାରେ ପରିମଳ ଯୋଜନାରେ ଏବେସୁଦ୍ଧା କେତେ Household ଉପକୃତ ହୋଇଛନ୍ତି, ଏବଂ (ଖ) Deprived ହୋଇଥିବା ପରିବାରକୁ focussed ଉପାୟରେ ସରକାର ସାନି ଆକଳନ କରି ତାକୁ ଉପଲବ୍ଧ କରିବା ପାଇଁ ବ୍ୟବସ୍ଥା କରିବେକି?

## ନୂତନ ECO Tourism ବ୍ୟବସ୍ଥା

**୩୮ . ଶ୍ରୀ ଦେବୀ ପ୍ରସାଦ ମିଶ୍ର :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ ) ଅନୁଗୋଳ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ବାଲିପୁଟ ଓ ସଂଲଗ୍ନ ଅଂଚଳରେ ପରିବେଶ ପର୍ଯ୍ୟଟନ ଓ Day Tourism ପାଇଁ ସରକାର ବ୍ୟବସ୍ଥା କରିବେକି, ଏବଂ (ଖ) ଆଠଗଡ ବନଖଣ୍ଡର ଓ ଲବ ଦିଁଅଝରରେ ଓ ଦେବଭୂଇଁ ଦଲକରେ ECO Tourism ର ବ୍ୟବସ୍ଥା ଓ ଭିତ୍ତିଭୂମି ଉନ୍ନୟନ ପାଇଁ ତୁରନ୍ତ ପଦକ୍ଷେପ ନେବେକି?

## ବନ୍ୟପ୍ରାଣୀଙ୍କର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ପଦକ୍ଷେପ

**୩୯ . ଶ୍ରୀ ଦେବୀ ପ୍ରସାଦ ମିଶ୍ର :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓଡିଶାରେ ବିଭିନ୍ନ ଜୈବମଣ୍ଡଳରେ ବନ୍ୟପ୍ରାଣୀଡିଭିଜନରେ କେଉଁଠି କେତେ ଲେଖାଏଁ ବାଘ ଓ ହାତୀ ଅଛନ୍ତ, ଏବଂ (ଖ) ତାର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ କି ପଦକ୍ଷେପ କେତେ ଟଙ୍କା ବ୍ୟୟରେ ଗଲା 3 ବର୍ଷ ଧରି ନିଆଯାଉଛି କଣ ସୁଫଳ ମିଳିଛି?

## Covid - 19 ସମୟରେ ଶ୍ରମିକଙ୍କ ନାମ ପଞ୍ଜିକରଣ

**୪୦ . ଶ୍ରୀ ସୁରେଶ କୁମାର ରାଉତରାୟ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - Covid - 19 କଟକଣା ସମୟରେ କେତେ ଶ୍ରମିକଙ୍କୁ ଭଡା ପ୍ରଦାନ କରାଯାଇଛି ଏବଂ କେତେ ଶ୍ରମିକ ନାମ ପଞ୍ଜିକରଣ କରି ମଧ୍ୟ ଭଡା ପ୍ରଦାନ କରାଯାଇପାରିନାହିଁ ତାର ବିଷଦ ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେକି?

**ବୃକ୍ଷ ରୋପଣ ପାଇଁ ଅର୍ଥ ବିନିଯୋଗ**

**୪୧ . ଶ୍ରୀ ସୁରେଶ କୁମାର ରାଉତରାୟ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଗତ ବର୍ଷା ଋତୁରେ ବୃକ୍ଷ ରୋପଣରେ କେଉଁ ଜିଲ୍ଲାରେ କେତେ ଅର୍ଥ ବିନିଯୋଗ ହୋଇଛି ଏବଂ ଉକ୍ତ ଋତୁରେ କେଉଁ ଜିଲ୍ଲାରେ କେତେ ଚାରା ବଣ୍ଟନ ହୋଇଛି ଉକ୍ତ ବାବଦରେ କେତେ ଅର୍ଥ ବିନିଯୋଗ ହୋଇଛି, କେଉଁ କେଉଁ ସଂସ୍ଥା ମାଧ୍ୟମରେ କେତେ ଏରିଆରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି?

**ଗ୍ରାମ୍ୟ ପୋଖରୀର ଉନ୍ନତିକରଣ**

**୪୨ . ଶ୍ରୀ ସୁରେଶ କୁମାର ରାଉତରାୟ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓରକଳ ଗ୍ରାମ ମୌଜା ମାଧପୁର ପ୍ରଧାନସାହି ଜି.ପି. ଜଟଣୀ ବ୍ଲକ ଅଧିନସ୍ଥ ମହାଭୋଇ ପୋଖରୀ 18 ଏକର ଏରିଆରେ ନିର୍ମିତ, ଉକ୍ତ ପୋଖରୀର ଉନ୍ନତିକରଣ ପାଇଁ ଗତ ପାଞ୍ଚ ବର୍ଷ ମଧ୍ୟରେ କେତେ ଅର୍ଥ କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇ କଣ ଉନ୍ନତିମୂଳକ କାମ ହୋଇଛି, ଗତ ପାଞ୍ଚ ବର୍ଷ ମଧ୍ୟରେ କାହାକୁ କେତେ ଟଙ୍କାରେ ନିଲାମ ଦିଆଯାଇଛି ଏବଂ ଉକ୍ତ ପୋଖରୀକୁ ନିଲାମଧାରୀ କେଉଁ କେଉଁ କାର୍ଯ୍ୟରେ ବ୍ୟବହାର କରିପାରିବ ଜଣାଇବେକି?

**ଜଗନ୍ନାଥଙ୍କ ଜମି କିଣାବିକା**

**୪୩ . ଶ୍ରୀ ସୁରେଶ କୁମାର ରାଉତରାୟ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଜଟଣୀ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସ୍ଥିତିବାନ ଜମିର କେତେକ ଜମିକୁ ଜଗନ୍ନାଥ ଜମି କହି ଜନସାଧାରଣଙ୍କୁ ବିକାକିଣାରୁ ବଞ୍ଚିତ କରାଯାଉଅଛି; ଏହାର ସମାଧାନ ପାଇଁ ପ୍ରତିଶୃତି ମିଳୁଥିଲେ ମଧ୍ୟ ନିର୍ଦ୍ଦିଷ୍ଟ କେବେସୁଧା ସମାଧାନ ହେବ ଜଣାଇବେକି ?

**ମୃତାହତ ଶ୍ରମିକଙ୍କ ପରିବାରଙ୍କ ଆର୍ଥିକ ସହାୟତା**

**୪୪ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ସଂକ୍ରମିତ ଜନିତ ଲକଡ଼ାଉନ ଘୋଷଣା ଯୋଗୁଁ ଗତ ମାର୍ଚ୍ଚ 24 ରୁ ହଠାତ ରେଳ ଓ ବସସେବା ବନ୍ଦ ହୋଇଯିବାରୁ ବହୁ ପ୍ରବାସୀ ଓଡ଼ିଆ ଶ୍ରମିକ ଦୁଃସାହସ ବିକଳ୍ପ ଯାତ୍ରାକରି ଭିଟାମାଟିକୁ ଫେରିଥିଲେ ଏହି ବିପଦଜନକ ଯାତ୍ରା କାଳରେ ଓ ଘରେ ପହଞ୍ଚିବା ପରେ କେତେଜଣ

ପ୍ରବାସୀ ଶ୍ରମିକ ମୃତାହତ ହୋଇଛନ୍ତି ଓ ସେମାନଙ୍କ ପରିବାର କେତେ ଟଙ୍କା ସହାୟତା ପାଇଛନ୍ତି ଜିଲ୍ଲାୱାରୀ ବିବରଣୀ ଦେବେ କି ?

**କୋଭିଡ଼ କେୟାର ସେଣ୍ଟରରେ ହୋଇଥିବା ଖର୍ଚ୍ଚ**

**୪୫ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ସଂକ୍ରମଣ ରୋକିବା ଲକ୍ଷ୍ୟରେ ପଞ୍ଚାୟତସ୍ତରରେ ମୋଟ କେତେ ସଂଖ୍ୟକ ସଙ୍ଗରୋଧ, କକ୍ଷ, କୋଭିଡ଼ କେୟାର ସେଣ୍ଟର, ଅସ୍ଥାୟୀ ମେଡ଼ିକାଲ କେନ୍ଦ୍ର ଖୋଲାଯାଇ ମୋଟ କେତେଜଣ ଲୋକଙ୍କୁ ସେବା ଯୋଗାଯାଇଛି ; ଏ ବାବଦରେ ଜିଲ୍ଲାୱାରୀ ଖର୍ଚ୍ଚର ବିବରଣୀ ଦେବାସହ ଏସବୁ କେନ୍ଦ୍ରଗୁଡ଼ିକୁ ଏବେ ହଠାତ ବନ୍ଦ କରାଯିବାର କାରଣ କଣ ଜଣାଇବେ କି ?

**ପ୍ରବାସୀ ଓଡ଼ିଆ ଶ୍ରମିକଫେରିବା ସମ୍ପର୍କରେ**

**୪୬ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ସଂକ୍ରମଣ ଯୋଗୁଁ ଲକଡ଼ାଉନ ଘୋଷଣା ପରେ ମୋଟ କେତେଜଣ ପ୍ରବାସୀ ଓଡ଼ିଆ ଶ୍ରମିକ ଫେରିଥିଲେ ଓ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାର ଜୀବିକା ଉପାର୍ଜନ ନିଶ୍ଚିତ କରାଇଛନ୍ତି ;କାମଧନ୍ଦା ନପାଇ ଇତିମଧ୍ୟରେ କେତେଜଣ ଓଡ଼ିଆ ଶ୍ରମିକ ପୁନର୍ବାର ଅନ୍ୟରାଜ୍ୟର କର୍ମସ୍ଥଳୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ସବିଶେଷ ତଥ୍ୟ ଦେବେ କି ?

**ଅନାବଶ୍ୟକ ଆଇନ ଉଚ୍ଛେଦ**

**୪୭ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 1974 ରୁ 2016 ମଧ୍ୟରେ ପ୍ରଣିତ ଆଇନ ମଧ୍ୟରୁ 699 ଟି ଅନାବଶ୍ୟକ ଦର୍ଶାଇ ସରକାର ସେସବୁକୁ ଉଚ୍ଛେଦ ଲାଗି ପ୍ରସ୍ତାବ ରଖିଛନ୍ତି, ସେଥିରେ "ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା ଆଇନ" 2016 ଅନ୍ତର୍ଭୁକ୍ତ କି; ଏହି ଆଇନ ବଳରେ ରାଜ୍ୟର କେତେଜଣ ଚିଟଫଣ୍ଡ କ୍ଷତିଗ୍ରସ୍ତ କ୍ଷତିପୂରଣ ପାଇଛନ୍ତି ଜିଲ୍ଲାୱାରୀ ବିବରଣୀ ଦେବେ କି; ସେହିପରି ଓଡ଼ିଶା ଅଫିସ ଅଫ ପ୍ରଫିଟ ( ସଂଶୋଧିତ ) 2016 ଆଇନ ଉଚ୍ଛେଦ ତାଲିକାରେ ରହିବା କେତେ ଯଥାର୍ଥ ଜଣାଇବେ କି ?

**ଉପକୃତ ହୋଇଥିବା ହିତାଧିକାରୀଙ୍କ ତଥ୍ୟ ପ୍ରଦାନ**

**୪୮ . ଶ୍ରୀ ମୋହନ ଚରଣ ମାଝୀ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ମହାମାରୀ ସମୟରେ ଲୋକଙ୍କ ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟର କେଉଁ କେଉଁ ସହରାଞ୍ଚଳର ଅଧିକ କେତେ ସଂଖ୍ୟକ ଲୋକ ନିଯୁକ୍ତି, ରୋଜଗାର ହରାଇ ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ହୋଇଯାଇଛନ୍ତି, କେତେଲୋକ ଗ୍ରାମାଞ୍ଚଳ ବା ଅନ୍ୟାନ୍ୟ ସ୍ଥାନକୁ ଚାଲିଯାଇଛନ୍ତି , ଅର୍ଥାତ କରୋନା ପୂର୍ବରୁ ସହରାଞ୍ଚଳରେ କେତେ

ଗରିବ ଥିଲେ ଓ ମହାମାରୀ ପରେ ସେମାନଙ୍କ ସଂଖ୍ୟାରେ କେତେ ପରିବର୍ତ୍ତନ ହୋଇଛି ସେ ସମ୍ପର୍କିତ ସହରୱାରୀ ତଥ୍ୟ ଯଦି ସରକାରଙ୍କ ନିକଟରେ ଉପଲବ୍ଧ ଅଛି ଜଣାଇବେ କି ; ସହରାଞ୍ଚଳର ଏଭଳି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ 100 କୋଟିର ପ୍ୟାକେଜ ଓ କେନ୍ଦ୍ର ସରକାରଙ୍କ କେତେ ଅର୍ଥ ଅଦ୍ୟାବଧି ବ୍ୟୟ ହୋଇଛି ଏବଂ କେତେ ଗରିବ ଉପକୃତ ହୋଇଛନ୍ତି ସେ ନେଇ 114 ଟି ସହରାଞ୍ଚଳୱାରୀ ତଥ୍ୟ ଦେବେ କି ?

**ଶ୍ରମିକଙ୍କ ତଥ୍ୟ ପ୍ରଦାନ**

**୪୯ . ଶ୍ରୀ ମୋହନ ଚରଣ ମାଝୀ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ମହାମାରୀ ସମୟରେ ରାଜ୍ୟ ବାହାରୁ କେତେ ସଂଖ୍ୟକ ପ୍ରବାସୀ ଶ୍ରମିକ ଆସିଥିଲେ, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମନରେଗା ଅଧୀନରେ ପଞ୍ଜୀକୃତ କରାଯାଇଛି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ କେତେ ଦିନର ଓ ସର୍ବମୋଟ କେତେ ମୂଲ୍ୟରେ କି କି କାମ ଦିଆଯାଇଛି, ସେ ବାବଦରେ କେତେ ଖର୍ଚ୍ଚ ହୋଇଛି, ସେସବୁର ଗତ ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାୱାରୀ ଓ ମାସୱାରୀ ତଥ୍ୟ ଯଦି ସରକାରଙ୍କ ନିକଟରେ ଉପଲବ୍ଧ ଅଛି ତାହା ପ୍ରଦାନ କରିବେ କି; ଏହା ବାହାରେ କେତେ ସଂଖ୍ୟକ ଅଣପଞ୍ଜୀକୃତ ପ୍ରବୀସୀଙ୍କୁ ପଞ୍ଚାୟତିରାଜ ବିଭାଗ ଅଧୀନ କେଉଁ ଯୋଜନାରେ କାମ ଦେବାର ବ୍ୟବସ୍ଥା ହୋଇଛି କି; ଉଭୟ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ପ୍ରବାସୀଙ୍କ ମଧ୍ୟରୁ କେତେ ସଂଖ୍ୟକ କାମ ଅଭାବରୁ ପୁନର୍ବାର ଅନ୍ୟ ରାଜ୍ୟକୁ ଫେରିବାର ତଥ୍ୟ ଯଦି ସରକାର ରଖିଛନ୍ତି ତାହା ଉପସ୍ଥାପନ କରିବେ କି ?

**ପ୍ରଦୂଷଣ ହ୍ରାସ**

**୫୦ . ଶ୍ରୀ ମୋହନ ଚରଣ ମାଝୀ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ମହାମାରୀ ସମୟରେ ଜାରି ଲକଡ଼ାଉନ ଓ ବିଭିନ୍ନ କଟକଣା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବାୟୁ, ନଦୀଜଳ ଓ ଶବ୍ଦ ପ୍ରଦୂଷଣର ମାତ୍ରା କେତେ ଥିଲା ତଥା ଏହା ପୂର୍ବରୁ ସ୍ଥିତି କିପରି ଥିଲା, ପ୍ରଦୂଷଣ ହାର ହ୍ରାସ ପାଇବାର କାରଣମାନ କଣ , ସେସବୁର ସମ୍ପର୍କିତ ବିଭିନ୍ନ ସ୍ଥାନ , ନଦୀ ଆଦିର ତୁଳନାତ୍ମକ ତଥ୍ୟ ଯଦି ସରକାରଙ୍କ ନିକଟରେ ଉପଲବ୍ଧ ତେବେ ଗତ ମାର୍ଚ୍ଚମାସରୁ ଅଦ୍ୟାବଧି ଓ ତୁଳନାତ୍ମକଭାବେ ବିଗତ ବର୍ଷର ତଥ୍ୟ ପ୍ରଦାନ କରିବେ କି; ପ୍ରାକୃତିକ ଉପାୟରେ ପ୍ରଦୂଷଣ ହାର ହ୍ରାସ ସରକାରଙ୍କ ପାଇଁ ବିରାଟ ଉପଲବ୍ଧ ବୋଲି ଯଦି ବିଚାର କରାଯାଉଛି ତେବେ ଏହାକୁ ବେସ ମାର୍ଗଦର୍ଶିକାଭାବେ ବିବେଚନା କରି ବିଭିନ୍ନ ପ୍ରଦୂଷଣକାରୀ ସରକାରୀ ଓ ଘରୋଇ ସଂସ୍ଥାମାନଙ୍କୁ ସଚେତନ ଓ ତାଗିଦ କରିବାକୁ ପଦକ୍ଷେପ ନେବେ କି ?

**କମିଟି ବୈଠକ ସମ୍ପର୍କରେ**

**୫୧ . ଶ୍ରୀ ମୋହନ ଚରଣ ମାଝୀ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ତା 26.11.2019 ରିଖର ଅଣତାରକା ପ୍ରଶ୍ନ ସଂଖ୍ୟା 1847 ଉତ୍ତର ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ବିଜ୍ଞପ୍ତି ସଂଖ୍ୟ 6631 ତା 21.03.2018 ରିଖରେ ଗଠିତ ମନିଟରିଂ କମିଟିରେ କେଉଁ କେଉଁମାନେ ସଭ୍ୟ ଅଛନ୍ତି; କମିଟିର କାର୍ଯ୍ୟ ପରିସର ଦାୟିତ୍ୱ କଣ; କେତେ ଅବଧିରେ କମିଟି ବୈଠକ ଅନୁଷ୍ଠିତ ହୋଇ କି କି ନିଷ୍ପତ୍ତି ଗ୍ରହଣ କରାଯାଇଛି; ଅଦ୍ୟାବଧି କେଉଁ କେଉଁ ତାରିଖରେ ବୈଠକ ଅନୁଷ୍ଠିତ ହୋଇ କି କି ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ପ୍ରକାଶ କରିବେ କି; ଏବଂ (ଖ) ଜଙ୍ଗଲ ଓ ପରିବେଶ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ 25.01.2016 ରେ ପ୍ରକାଶିତ ବିଜ୍ଞପ୍ତିକୁ ସଠିକ ଅନୁପାଳନ ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତା 21.03.2018 ରିଖରେ ଅର୍ଥାତ 2ବର୍ଷରୁ ଉର୍ଦ୍ଧ୍ୱ ବିଳମ୍ବରେ ଅନୁପାଳନ ସମ୍ପର୍କୀୟ ବିଜ୍ଞପ୍ତି ପ୍ରକାଶ କରିବାର କାରଣ କଣ; ବିଳମ୍ବରେ ବିଜ୍ଞପ୍ତି ପ୍ରକାଶ ନିମନ୍ତେ କେଉଁ କେଉଁମାନଙ୍କୁ ଉତ୍ତରଦାୟୀ କରାଯିବ ତାହା ପ୍ରକାଶ କରିବେ କି ?

## Covid -19 ପାଇଁ ରାଜ୍ୟ ବଜେଟରୁ ଅର୍ଥ ପ୍ରଦାନ

**୫୨ . ଶ୍ରୀ ମୁକେଶ ମହାଲିଙ୍ଗ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) Covid -19 ର ମୁକାବିଲା ପାଇଁ ରାଜ୍ୟରେ ଗ୍ରାମପଞ୍ଚାୟତମାନଙ୍କୁ ରାଜ୍ୟ ସରକାର ନିଜସ୍ୱ ବଜେଟରୁ କେତେ ପାଣ୍ଠି ଯୋଗାଇଛନ୍ତି ଓ କେନ୍ଦ୍ରୀୟ ଅନୁଦାନରୁ କେତେ ପାଣ୍ଠି ଖର୍ଚ୍ଚ ହୋଇଛି; ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଗ୍ରାମାପଞ୍ଚାୟତୱାରୀ ଯୋଗେଇଥିବା ପାଣ୍ଠିସହ ତା 15.09.2020 ସୁଦ୍ଧା Covid -19 ମୁକାବିଲା ପାଇଁ କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେତେଜଣ ପ୍ରବାସୀଙ୍କୁ ସଂଗରୋଧ କେନ୍ଦ୍ରରେ ସହାୟତା ଦିଆଯାଇଥିଲା ତାର ତଥ୍ୟ ଗୃହରେ ଉପସ୍ଥାପନ କରିବେ କି; ଏବଂ (ଖ) ସଂଗରୋଧ କେନ୍ଦ୍ରରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ Covid -19 ସମୟରେ କେତେ ଟଙ୍କାର କେଉଁ କେଉଁ ପ୍ରକାର Fixed Assets କିଣାଯାଇଛି ଓ କେତେ ଟଙ୍କାର କେଉଁ କେଉଁ ପ୍ରକାରର Consumable ଜିନିଷ କିଣାଯାଇଛି ; ଅସ୍ଥାୟୀ ସଂଗରୋଧ କେନ୍ଦ୍ରର Fixed Asset ର Inventory କରି କେଉଁ ସଂସ୍ଥାର Books of Records ରଖାଯାଇଛି, ଗ୍ରାମପଞ୍ଚାୟତୱାରୀ ତଥ୍ୟ ଦେବେ କି ?

## ଲୋଇସିଂହାକୁ ବିଜ୍ଞାପିତ ପରିଷଦ ଗଠନ

**୫୩ . ଶ୍ରୀ ମୁକେଶ ମହାଲିଙ୍ଗ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନର ତା 16.07. 2019 ର ଅଣତାରକା ଚିହ୍ନିତ ପ୍ରଶ୍ନସଂଖ୍ୟା 776 ର ଉତ୍ତର ଅନୁଯାୟୀ ଲୋଇସିଂହାକୁ ବିଜ୍ଞାପିତ ଅଞ୍ଚଳ ଗଠନ ସମ୍ବନ୍ଧୀୟ ନଗର

ଉନ୍ନୟନ ବିଭାଗର ପ୍ରସ୍ତାବକୁ ପଞ୍ଚାୟତିରାଜ ବିଭାଗର ଅନୁମତି ମିଳିଲା କି ; ଯଦି ଉତ୍ତର ନା ହୁଏ ତେବେ ଲୋଇସିଂହା ବିଜ୍ଞାପିତ ପରିଷଦ ଗଠନ ପାଇଁ ନଗର ଉନ୍ନୟନ ବିଭାଗର ପ୍ରସ୍ତାବସହ ପଞ୍ଚାୟତିରାଜ ବିଭାଗର ମତାମତ ଉପସ୍ଥାପନ କରିବେ କି ?

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାପାଇଁ ଦରଖାସ୍ତ ଗ୍ରହଣ**

**୫୪ . ଶ୍ରୀ ମୁକେଶ ମହାଲିଙ୍ଗ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନାରେ ଦରଖାସ୍ତକାରୀଙ୍କର ଦରଖାସ୍ତ ଗ୍ରହଣ କଲାପରେ ସେମାନଙ୍କୁ ଯୋଗ୍ୟ କିମ୍ବା ଅଯୋଗ୍ୟ ଘୋଷଣା କରିବାପାଇଁ Authorised ଅଧିକାରୀଙ୍କ ତାଲିକା ଓ କେଉଁ ଆଧାରରେ Priority List ତିଆରି ହେଉଛି ତାର ସରକାରୀ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିବେ କି ; ଏବଂ (ଖ) ରାଜ୍ୟର କେଉଁ ଦରଖାସ୍ତକାରୀ ପ୍ରଧାନମନ୍ତ୍ରୀ ଆବାସ ( ଗ୍ରାମୀଣ) ଯୋଜନାରେ ତା 15.09.20 ସୁଦ୍ଧା ଅଯୋଗ୍ୟ ହୋଇଛନ୍ତି ତାର କାରଣ ସହ ରାଜ୍ୟରWeb Portal ରେ ସମସ୍ତ ନାମ ସ୍ଥାପିତ କରିବେ କି ?

**ଗ୍ରାମପଞ୍ଚାୟତକୁ ମିଳିଥିବା ଅନୁଦାନ**

**୫୫ . ଶ୍ରୀ ମୁକେଶ ମହାଲିଙ୍ଗ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) 2014 ମସିହାରୁ 31.08.2020 ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଗ୍ରାମପଞ୍ଚାୟତକୁ କେତେ ପରିମାଣର କେନ୍ଦ୍ରୀୟ ଅନୁଦାନ ମିଳିଛି; ଏହି ସମୟ ମଧ୍ୟରେ ଓଡ଼ିଶା ସରକାର କେତେ ପାଣ୍ଠି ଗ୍ରାମାପଞ୍ଚାୟତମାଙ୍କୁ ନିଜସ୍ୱ ପାଣ୍ଠିରୁ ଅନୁଦାନ ଦେଇଛନ୍ତି ଓ ଗ୍ରାମପଞ୍ଚାୟତ ମାନଙ୍କର ନିଜସ୍ୱ ଆୟ କେତେ ହୋଇଛି ତାର ଏକ ସମ୍ପୂର୍ଣ୍ଣ ବିବରଣୀ ଦେବେ କି; ଏବଂ (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳିର ବ୍ଲକୱାରୀ ଓ ଗ୍ରାମପଞ୍ଚାୟତୱାରୀ 2014 ମସିହାରୁ 31.08. 2020 ମସିହା ପର୍ଯ୍ୟନ୍ତ ମିଳିଥିବା କେନ୍ଦ୍ରୀୟ ଅନୁଦାନ/ ରାଜ୍ୟ ଅନୁଦାନ ଓ ନିଜସ୍ୱ ଆୟ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିବେ କି ?

**କର୍ମଚାରୀଙ୍କ ନାମ ତାଲିକା ପ୍ରଦାନ**

**୫୬ . ଶ୍ରୀମତୀ କୁସୁମ ଟେଟେ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ 15 ବର୍ଷରୁ ଅଧିକ ସମୟ ଧରି କେଉଁ କେଉଁ କର୍ମଚାରୀ ଓ ଅଧିକାରୀମାନେ କାର୍ଯ୍ୟରତ ଅଛନ୍ତି; ସେମାନଙ୍କ ଚାକିରି ସମୟ, ନାମ, ଓ ପଦବୀସହିତ ଏହି ଅଧିକାରୀମାନେ କେଉଁ କେଉଁ ପଦବୀରେ ରହିଛନ୍ତି ତାହା ଦର୍ଶାଇବେ କି; ସେହିପରି ଓଡ଼ିସା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ ଗତ ବର୍ଷକ ମଧ୍ୟରେ କେତେଜଣ କର୍ମଚାରୀ ଅବସରପରେ

ସେଠାରେ ପୁନଃ ନିଯୁକ୍ତି ପାଇଛନ୍ତି ସେମାନଙ୍କ ନାମ, ପଦବୀସମେତ କଣପାଇଁ ପୁନଃ ନିଯୁକ୍ତି ହୋଇଛି ତାହା ଦର୍ଶାଇବେ କି ?

**ପାଉଁଶ ପୋଖରୀ ପାଇଁ ଅନୁମୋଦନ**

**୫୭ . ଶ୍ରୀମତୀ କୁସୁମ ଟେଟେ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଝାରସୁଗୁଡ଼ା ଓ ପଞ୍ଚପଡ଼ା ଗ୍ରାମର ଖତିୟାନ ନଂ ୮୭୬ର ପ୍ଲଟ ନଂ ୨୪୦୮ରେ ୫୧.୮୭ ଡ଼ିସିମିଲ ପରିମିତ ଗୋଚର ଜମିରେ କେଉଁ ବିଭାଗର କେଉଁ ନିୟମ ଅନୁସାରେ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ବା ପାଉଁଶ ପୋଖରି ପାଇଁ ଅନୁମୋଦନ କରାଯାଇଛି । ତାର ସମ୍ପୂର୍ଣ୍ଣ ବିବରଣୀ ଏବଂ ଏହି ଗୋଚରଣ ଭୂମିର ପ୍ରତିବଦଳରେ କେଉଁଠାରେ କେତେ ପରିମାଣ ଜମି ପ୍ରଦାନ କରାଯାଇଛି ଏବଂ ଝାରସୁଗୁଡ଼ା ବ୍ଲକରେ କାଡ଼ିକେଲା, ଶ୍ରୀପୁରା ଓ କୁରେବଗା ଗ୍ରାମର ଭେଡ଼େନ ନଦୀ କୂଳରେ ଥିବା ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମିରେ ବେଦାନ୍ତ କମ୍ପାନି ଦ୍ୱାରା ବର୍ଜ୍ୟବସ୍ତୁ ବା ପାଉଁଶ ପକେଇବା ପାଇଁ ଅନୁମତି କେଉଁ ଆଧାରରେ ଦିଆଯାଇଛି । ଯଦି ଦିଆଯାଇନାହିଁ କମ୍ପାନି ବିରୁଦ୍ଧରେ କେଉଁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

**ଗଚ୍ଛିତ ବର୍ଜ୍ୟବସ୍ତୁର ପରିମାଣ**

**୫୮ . ଶ୍ରୀମତୀ କୁସୁମ ଟେଟେ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଝାରସୁଗୁଡ଼ା ଜିଲ୍ଲାର କେଉଁ କେଉଁ ସ୍ଥାନରେ କାରଖାନା ଗୁଡ଼ିକରୁ ନିର୍ଗତ ବର୍ଜ୍ୟବସ୍ତୁ ଗଚ୍ଛିତ କରିବା ପାଇଁ ସରକାରି ଅନୁମୋଦନ ହୋଇଛି ଓ ପ୍ରତ୍ୟେକର ଗଛିତ କ୍ଷମତା କେତେ ; ଏବଂ ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ବର୍ଜ୍ୟବସ୍ତୁ ଗଚ୍ଛିତ ହୋଇ ସାରିଛି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇ ତତ୍ ସହିତ ଅନୁମୋଦନ ସମ୍ବନ୍ଧିୟ ସମସ୍ତ ବିଭାଗର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

**ଶ୍ରମିକଙ୍କୁ କାମ ପ୍ରଦାନ**

**୫୯ . ଶ୍ରୀମତୀ କୁସୁମ ଟେଟେ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ମାର୍ଚ୍ଚ ମାସରେ କୋରନା କଟକଣା ଜାରି ହେବାପରେ ସୁନ୍ଦରଗଡ଼ ଜିଲ୍ଲାକୁ କେତେ ସଂଖ୍ୟାରେ ଶ୍ରମିକ ଦେଶର ବିଭିନ୍ନ ସ୍ଥାନରୁ ଫେରିଛନ୍ତି ; ବର୍ତ୍ତମାନସୁଦ୍ଧା କେତେଜଣ ଶ୍ରମିକ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଲେଉଟିଲେଣି ଓ ଆଉ କେତେ ଜଣ ଜିଲ୍ଲାରେ ଅଛନ୍ତି, ଏହି ସ୍ରମିକଙ୍କ ହାତକୁ କାମ ଦେବା ପାଇଁ ସରକାରଙ୍କ କି ପ୍ରକାର ବ୍ୟବସ୍ଥା କରୁଛନ୍ତି କି ?

**ଏମଜି ଏନଆରଇଜିଏସ ଯୋଜନାରେ କର୍ମ ଯୋଗାଣ**

**୬୦ . ଶ୍ରୀମତୀ ଲତିକା ପ୍ରଧାନ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି

- ଏମଜିଏନଆରଇଜିଏସ (ନରେଗା) ଯୋଜନା ଅଧିନରେ ବର୍ତ୍ତମାନ ମହାମାରୀ ସମୟରେ ପ୍ରବାସୀ ଶ୍ରମିକମାନଙ୍କୁ କର୍ମଯୋଗାଣ ଦିଗରେ ଯେଉଁ କାର୍ଯ୍ୟ ପ୍ରଦାନ କରାଯାଉଛି, ସେହି କାର୍ଯ୍ୟ ଦିବସଗୁଡ଼ିକ ପୂର୍ବରୁ ସରକାରଙ୍କ ଏହି ଯୋଜନା ଅଧିନରେ ଥିବା ୧୦୦ ଦିନର ନିଶ୍ଚିତ କର୍ମଯୋଗାଣରୁ ସ୍ୱତଃ ବିୟୋଗ ହୋଇଯାଉଛି, ଫଳରେ ଶ୍ରମିକମାନେ ବର୍ଷ ତମାମ ଆଉ ଏହି ନିଶ୍ଚିତ କର୍ମଯୋଗାଣରୁ କାର୍ଯ୍ୟ ପାଇପାରିବେ ନାହିଁ ଏବଂ ଏହା କଣ ସତ୍ୟ କି ?

## ମେଗା ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ଯୋଗାଣ

**୬୧ . ଶ୍ରୀମତୀ ଲତିକା ପ୍ରଧାନ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କବି ସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ସମସ୍ତ ପାନୀୟ ଜଳ ବ୍ୟବସ୍ଥାଗୁଡ଼ିକ ପ୍ରାୟତଃ ଭଗ୍ନ ଏବଂ ଅକାମି ଅବସ୍ଥାକୁ ଚାଲିଆସିଛି, ଯାହାଫଳରେ ନିର୍ବାଚନମଣ୍ଡଳୀରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ଏହାର ସ୍ଥାୟୀ ପ୍ରତିକାର ଦିଗରେ ଗୋଟିଏ ମେଗା ପାନୀୟ ଜଳ ପ୍ରକଳ୍ପକୁ ସରକାର ହାତକୁ ନେଇଛନ୍ତି, ଯାହା ସାଲିଆ ଡ଼େମରୁ ପାଣି ଉଠାଯାଇ ଲୋକଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ ହାତକୁ ନିଆଯାଇଛି, କିନ୍ତୁ ଏହା କେଉଁ ସ୍ତରରେ ଅଛି ; ଏହି ପ୍ରକଳ୍ପକୁ ଅତିଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଉଚିତ ପଦକ୍ଷେପ ନେବେ କି ?

## ରାସ୍ତା ମରାମତି ପାଇଁ ପଦକ୍ଷେପ

**୬୨ . ଶ୍ରୀମତୀ ଲତିକା ପ୍ରଧାନ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧିନରେ ନିର୍ମାଣ ହୋଇଥିବା ସମସ୍ତ ରାସ୍ତାଗୁଡ଼ିକର ସମୟୋଚିତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ହୋଇନଥିବା ଯୋଗୁଁ ଏଗୁଡ଼ିକ ପ୍ରାୟତଃ ନଷ୍ଟହେବାକୁ ବସିଲାଣି । ଦ୍ୱିତୀୟରେ ରାସ୍ତାଗୁଡ଼ିକର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ନହେବା ଫଳରେ ବର୍ଷା ପାଣି ରାସ୍ତାରେ ବହିବା ଦ୍ୱାରା ମଧ୍ୟ ରାସ୍ତାଗୁଡ଼ିକ ନଷ୍ଟ ହେବାର ଆଉ ଗୋଟିଏ କାରଣ । ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ମରାମତି ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

## NACର ଗଠନ

**୬୩ . ଶ୍ରୀ ଲକ୍ଷ୍ମଣ ମୁଣ୍ଡା :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଷ୍ଟ୍ରୀଟ୍ ଭେନଡ଼ରସ ପ୍ରୋଟେକସନ Act 2014 ଏବଂ ଓଡ଼ିଶା ଷ୍ଟ୍ରୀଟ୍ ଭେନଡ଼ରସ Rule 2015 ଅନୁଯାୟୀ ଗଞ୍ଜାମ ଜିଲ୍ଲାର କେଉଁ ଏନ୍.ଏ.ସି ବା ମୁନିସିପାଲଟିରେ କ'ଣ କାର୍ଯ୍ୟକ୍ରମ ହୋଇଛି ; ଏବଂ (ଖ) ଗଞ୍ଜାମ ଜିଲ୍ଲାରେ କେଉଁଠାରେ କେବେ ଟାଉନ ଭେନଣ୍ଡିଙ୍ଗ ଜୋନ ପ୍ରତିଷ୍ଠା ହୋଇଛି ; ଯେଉଁଠାରେ (N.A.C.) ହୋଇ ନାହିଁ କେବେ ସୁଦ୍ଧା ଗଠନ ହେବ : ଛତ୍ରପୁର, ଗଞ୍ଜାମ

ଏନ୍.ଏସିରେ କେତେଗୋଟି ଉଠାଦୋକାନ ଅଛି ; ଏହା କେବେ ସର୍ଭେ ହୋଇଥିଲା ; ବିକଳ୍ପ ସ୍ଥାନ ନଦେଇ ଛତ୍ରପୁର ଉଠାଦୋକାନୀଙ୍କୁ କେବେ କିଏ ୨୦୨୦ ବର୍ଷ ଉଠାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସେମାନେ କେବେ ପରିଚୟ ପତ୍ର ପାଇବେ ?

**ମୋଟ ଶ୍ରମିକଙ୍କ ସଂଖ୍ୟା**

**୬୪ . ଶ୍ରୀ ଲକ୍ଷ୍ମଣ ମୁଣ୍ଡା :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଗୋପାଳପୁର ଟାଟା କମ୍ପାନୀର ମୋଟ ଶ୍ରମିକ ସଂଖ୍ୟା କେତେ ; ଠିକ୍ ଶ୍ରମିକ ସଂଖ୍ୟା କେତେ ; ସମସ୍ତ ଶ୍ରମିକଙ୍କ ରେଜିଷ୍ଟ୍ରେସନ କରାଯାଇଛି କି ; କେତେଜଣ ଶ୍ରମିକଙ୍କ କେଉଁ ବର୍ଷ ଠାରୁ P.F. କଟାଯାଉଛି ; ଏବଂ (ଖ) ଟାଟା କମ୍ପାନୀରେ ୨୦୧୯ରେ କେତେଜଣ ଶ୍ରମିକ କାମ କରୁଥିଲେ ; ୨୦୨୦ (ବର୍ତ୍ତମାନ) କେତେଜଣ ଶ୍ରମିକ କାମ କରୁଛନ୍ତି ; ୨୦୨୦ରେ ଛଟେଇ କେତେଜଣ ଶ୍ରମିକ ହୋଇଛନ୍ତି ଏବଂ ଶ୍ରମିକ ପୁରା ମାସର ଦରମା ପାଉନଥିବା ବିଷୟ ସତ କି ; ଦରମା କଟାଯିବାର କାରଣ କ'ଣ ?

**ଶ୍ରମିକଙ୍କ P.F. ସମ୍ପର୍କରେ**

**୬୫ . ଶ୍ରୀ ଲକ୍ଷ୍ମଣ ମୁଣ୍ଡା :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଗୋପାଳପୁର ବନ୍ଦର ଶ୍ରମିକଙ୍କ ମଧ୍ୟରୁ କେତେଜଣ ଶ୍ରମିକଙ୍କ P.F. 2010 ବର୍ଷ ବନ୍ଦାଯାଇଛି ; ଏବଂ (ଖ) ମୋଟ ଶ୍ରମିକଙ୍କ ମଧ୍ୟରୁ (ବନ୍ଦର) କେତେ ଜଣ ଶ୍ରମିକ ୨୦୧୫ରେ କତାମ ପାଇଥିଲେ ଏବଂ କେତେ ଜଣଙ୍କର ଉକ୍ତ ବର୍ଷ P.F. କଟାଯାଇଛି; ୨୦୧୯ ବର୍ଷ ବନ୍ଦରରେ କାମ ପାଇଥିବା ଶ୍ରମିକଙ୍କ ସଂଖ୍ୟା କେତେ ଏବଂ P.F. କଟା ଯାଇଥିବା ଶ୍ରମିକଙ୍କ ସଂଖ୍ୟା ; କେତେ ଜଣ ଶ୍ରମିକ କାମ ନପାଇ ଗତ ୫ ବର୍ଷଠାରୁ ରହିଛନ୍ତି; କାମ ନପାଇବା କାରଣ କ'ଣ ?

**ପାନୀୟଜଳ ବ୍ୟବସ୍ଥା**

**୬୬ . ଶ୍ରୀ ଶଶିଭୂଷଣ ବେହେରା :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବନ୍ୟାଦ୍ୱାରା ଏବଂ ଲଗାଣ ବର୍ଷା ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂସ ସ୍ଥାନ ବୁଡ଼ି ଅଞ୍ଚଳ ଭାବେ ନାହିଁ ନଥିବା ପାନୀୟ ଜଳର ସମସ୍ୟାକୁ ସାମନା କରୁଥିବା ଆପଣ ଅବଗତ ଅଛନ୍ତି କି; ବନ୍ୟା ସମୟରେ ବିଦ୍ୟୁତ କାଟ ହେବା ସ୍ୱାଭାବିକ, ଏହି ସମୟ ଶୌରଶକ୍ତି ଦ୍ୱାରା ପରିଚାଳିତ କ୍ଷୁଦ୍ର ଜଳ ଯୋଗାଣ ବ୍ୟବସ୍ଥା କରି ପାରିଲେ ବନ୍ୟା ପ୍ଲାବିତ ଜନତା ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର କରିପାରନ୍ତେ ସରକାର ଏଦିଗରେ ଦୃଷ୍ଟିଦେଇ କାର୍ଯ୍ୟ କରିବେ କି ?

**ସ୍ୱଳ୍ପ ଆୟକାରୀ ପରିବାରଙ୍କୁ ବାସଗୃହ ଯୋଗାଣ**

**୬୭ . ଶ୍ରୀ ଶଶିଭୂଷଣ ବେହେରା :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ

କି - ୧୮୬୯ ମସିହାରେ ପ୍ରତିଷ୍ଠା ଲାଭ କରିଥିବା କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ସରକାରୀ ଯୋଜନାରେ ସୁଲଭ ଗୃହ ଯୋଗାଣର ବ୍ୟବସ୍ଥା କରିଛନ୍ତି କି; ଏହି ପୌରାଞ୍ଚଳ ୨୧ ନମ୍ବର ୱାର୍ଡ଼ କଜଳା ଆଦିବାସୀ ବସ୍ତିର ଲୋକଙ୍କୁ ଥଇଥାନ କରିବାର ପ୍ରୟାସ ଫଳପ୍ରଦ ହୋଇଛି କି ; ଯଦି ନହୋଇଥାଏ ଅନ୍ୟ ବିକଳ୍ପ ବ୍ୟବସ୍ଥା ସଂକ୍ରାନ୍ତରେପ୍ରଶାସନ ତ୍ୱରିତ ନିଷ୍ପତ୍ତି ନେବ କି; ଏତଦବ୍ୟତୀତ ସ୍ୱଳ୍ପ ଆୟକାରୀ ପରିବାରଙ୍କୁ ବାସଉପଯୋଗୀ ଘର ଯୋଗାଇବାରେ ସରକାରଙ୍କ ଯୋଜନା ଏଠାରେ କାର୍ଯ୍ୟକରିବାର ନିଷ୍ପତ୍ତି ନେବେ କି ?

## ପାନୀୟ ଜଳ ସମସ୍ୟାର ସମାଧାନ

**୬୮ . ଶ୍ରୀ ସନାତନ ବିଜୁଳି :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବଡ଼ସାହି ନିର୍ବାଚନ ମଣ୍ଡଳୀରେ ଘୋର ପାନୀୟ ଜଳର ଅଭାବ ଦେଖାଦେଇଛି; ପୁରୁଣା ନଳକୂପ ସବୁ ଖରାପ ହୋଇଯାଇଛି ଏବଂ ରାସ୍ତା କାମ ଯୋଗୁଁ Pipe Line ଗୁଡ଼ିକ ଫାଟି ଯାଇଛି, ଆଗକୁ ଖରାଦିନ ଆସୁଥିବାରୁ ପାନୀୟ ଜଳର ସମସ୍ୟା ଉଦବେଗଜନକ ହେବ, ପାନୀୟ ଜଳର ସମସ୍ୟା କେବେ ସୁଦ୍ଧା ସମାଧାନ କରାଇବେ ଜଣାଇବେ କି; ଏବଂ ସମାଧାନ ପାଇଁ କି କି ପଦକ୍ଷେପ ନେଇଛନ୍ତି ଉତ୍ତର ରଖିବେ କି ?

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା Bill ଉପରେ ତଦନ୍ତ

**୬୯ . ଶ୍ରୀ ସନାତନ ବିଜୁଳି :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ଅଧିକାଂଶ ପ୍ରଧାନମନ୍ତ୍ରୀ ଆବାସ ଘର ସମ୍ପୂର୍ଣ୍ଣ ରୂପେ complete ନହୋଇ ମଧ୍ୟ କିପରି ପୁରା Bill ଉଠାଇ ଆଣିପାରୁଛନ୍ତି, ଏହାର ତଦନ୍ତ ହେବ କି ଏବଂ ଯେଉଁ ଅଧିକାରୀମାନେ Bill ଉଠାଇବାରେ ସହଯୋଗ କରୁଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ କି ?

## କ୍ଷତିଗ୍ରସ୍ତ R.D. ରାସ୍ତା ପାଇଁ ଆର୍ଥିକ ବ୍ୟବସ୍ଥା

**୭୦ . ଶ୍ରୀ ବିଷ୍ଣୁ ଚରଣ ସେଠି :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଚଳିତ ବନ୍ୟାରେ ଧାମନଗର ନିର୍ବାଚନ ମଣ୍ଡଳୀରେ କେତୋଟି RD ରାସ୍ତା କ୍ଷତିଗ୍ରସ୍ତ ହୋଇଛି ; ଏହାର କ୍ଷୟକ୍ଷତି ଆକଳନ କରି କେତେ ଟଙ୍କାର ଆର୍ଥିକ ବ୍ୟବସ୍ଥା ସରକାର କରିଛନ୍ତି ?

## R.D. ରାସ୍ତା ନିର୍ମାଣ ପାଇଁ ପଦକ୍ଷପ

**୭୧ . ଶ୍ରୀ ବିଷ୍ଣୁ ଚରଣ ସେଠି :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଦୀର୍ଘଦିନ ଧରି ସରକାର ଓ ପ୍ରଶାସନକୁ ଅନୁରୋଧ କରିବା ସତ୍ତ୍ୱେ ଧାମନଗର ପାଟୁଳି-ଫଳପୁର RD ରାସ୍ତା ନିର୍ମାଣ କରାଯାଉନାହିଁ ତାର କାରଣ କଣ, ସରକାର ଏବାବଦରେ ବିହିତ ପଦକ୍ଷେପ ନେବେ କି ?

## ଗ୍ରାମୀଣ ଗୃହ ନିର୍ମାଣ ପାଇଁ ପଦକ୍ଷେପ

**୭୨ . ଶ୍ରୀ ମକରନ୍ଦ ମୁଦୁଲି :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଦିବାସୀ ବହୁଳ ରାୟଗଡା ଜିଲ୍ଲାର ଗ୍ରାମୀଣ ଗୃହ ନିର୍ମାଣ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, ତାର ବ୍ଲକୱାରୀ ତାଲିକା ଦେବେ କି ?

## ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ

**୭୩ . ଶ୍ରୀ ମକରନ୍ଦ ମୁଦୁଲି :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାୟଗଡା ଜିଲ୍ଲାରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ପାଇଁ ତୃଣମୂଳ ସ୍ତରରେ କି କି ପଦକ୍ଷେପ ସରକାର ନେଇଛନ୍ତି ଏବଂ ଲୋକମାନଙ୍କ ମଧ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସଚେତନତା ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଏବଂ ଏ ବାବଦରେ କେତେ ଅର୍ଥର ବ୍ୟବସ୍ଥା ହୋଇଛି ?

## କରୋନା ମୁକାବିଲା ପାଇଁ ଅର୍ଥ ପ୍ରଦାନ

**୭୪ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କେଉଁ କେଉଁ ଯୋଜନାରେ 2018-19, 2019 ଓ 2020-21 ଆର୍ଥୀକ ବର୍ଷରେ କେନ୍ଦ୍ର ସରକାର କେନ୍ଦ୍ରୀୟ ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ କେତେ ଅର୍ଥ ପ୍ରଦାନ କରିଛନ୍ତି ଓ ଚଳିତ କରୋନା ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବେ କେତେ ଅର୍ଥ ପ୍ରଦାନ କରିଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

## କେନ୍ଦ୍ର ସରକାରଙ୍କ ନିକଟରେ ଅର୍ଥ ଦାବୀ

**୭୫ . ଶ୍ରୀ ସୌଭିକ୍ ବିଶ୍ୱାଳ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2018-19, 2019-20 ଆର୍ଥୀକ ବର୍ଷରେ କେନ୍ଦ୍ର ସରକାରଙ୍କ ନିକଟରେ ସରକାର କେତେ ଅର୍ଥ ଦାବୀ କରିଥିବାବେଳେ କେନ୍ଦ୍ର ସରକାର ସେହି ବର୍ଷରେ କେତେ ଅର୍ଥ ଯୋଜନା ଓ ଅଣଯୋଜନା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ପ୍ରଦାନ କରିଛନ୍ତି ତାହାର ତଥ୍ୟାବଳୀ ପ୍ରଦାନ କରିବେ କି ?

## କେନ୍ଦ୍ର ସରକାରଙ୍କଠାରୁ ପାଇଥିବା ଅର୍ଥ

**୭୬ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଯୋଜନା ଓ ଅଣଯୋଜନା ବାବଦରେ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ କେତେ ଅର୍ଥ ଦାବୀ କରିଥିବାବେଳେ 2017-18, 2018-19, 2019-20 ଓ 2020-21 ଆର୍ଥୀକ ବର୍ଷରେ କେନ୍ଦ୍ର ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି ତାହର ବିବରଣୀ ପ୍ରଦାନ କରିବେ କି ?

**ବନୀକରଣ ଯୋଜନାରେ ଅର୍ଥ ମଞ୍ଜୁର**

**୭୭ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଚଳିତ ବର୍ଷ କେଉଁ ଯୋଜନାରେ ରାଜ୍ୟକୁ ବନୀକରଣ ଯୋଜନାରେ କେତେ ଅର୍ଥ ମଞ୍ଜୁର କରିଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

**ଠିକା କର୍ମଚାରୀଙ୍କୁ EPF ଓ ESI ପ୍ରଦାନ**

**୭୮ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଜଗତପୁରସ୍ଥିତ ପେପସୀ କମ୍ପାନୀ ତାହାର ପରିଚାଳନା ଦାୟିତ୍ୱ ବରୁଣ ବେଭେରେଜ କମ୍ପାନୀକୁ କେବେ ପ୍ରତ୍ୟାର୍ପଣ କରିଥିବାବେଳେ ପେପସୀ ଅଧୀନରେ ପ୍ରତ୍ୟର୍ପଣ ସମୟରେ କେତେ କର୍ମଚାରୀ ନିୟମିତ ଓ କେତେଜଣ ଠିକାରେ କାର୍ଯରତ ଥିଲେ ତାଙ୍କର ତାଲିକା ପ୍ରଦାନ ସହ ବରୁଣ ବେଭେରେଜ୍ କେତେ ତାରିଖରେ କେଉଁ କେଉଁ ନିୟମିତ ଓ ଠିକା କର୍ମଚାରୀଙ୍କୁ କେଉଁ ଆଧାରରେ ଛଟେଇ ବା ବହିଷ୍କୃତ କରିଛି ତାହାର ବିବରଣୀ ପ୍ରଦାନ ସହ ଏହି ଛଟେଇ କର୍ମଚାରୀଙ୍କୁ ପୁନଃ ନିୟୋଜନ କରି ସେମାନଙ୍କ ପରିବାରର ଜୀବନ ଜୀବିକା ଓ ଖାଦ୍ୟ ନିରାପତ୍ତା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, ଏବଂ (ଖ) ବରୁଣ ବେଭେରେଜ ଲିଃ କର୍ମଚାରୀଙ୍କୁ ESI, EPF ଜମା ପ୍ରଦାନ ତଥ୍ୟାବଳୀ ପ୍ରଦାନ କରିବେ କି ?

**ବନ୍ୟା ଦ୍ୱାରା ଗ୍ରାମ ପଞ୍ଚାୟତ କ୍ଷତିଗ୍ରସ୍ତ**

**୭୯ . ଶ୍ରୀ ପ୍ରଶାନ୍ତ ବେହେରା :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ବିଗତ ବନ୍ୟାରେ କଟକ ଜିଲ୍ଲାରେ କେଉଁ ବ୍ଲକର କେତେ ସଂଖ୍ୟକ ଗ୍ରାମ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି, ଏହାର ପୁନଃରୁଦ୍ଧାର ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ଏବଂ (ଖ) ଜିଲ୍ଲାର କେଉଁ ବ୍ଲକର କେତେ ପାନୀୟ ଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଛି ଓ ତାହାକୁ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଛି ?

**କ୍ଷତିଗ୍ରସ୍ତ ରାସ୍ତାର ପୁନଃରୁଦ୍ଧାର**

**୮୦ . ଶ୍ରୀ ପ୍ରଶାନ୍ତ ବେହେରା :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2019 ଫନି ଓ 2020 ବାତ୍ୟାରେ ରାଜ୍ୟରେ କେଉଁ ଜିଲ୍ଲାର କେତେ କି.ମି. ରାସ୍ତା କ୍ଷତିଗ୍ରସ୍ତ ହୋଇଛି, ତାହାର ପୁନଃରୁଦ୍ଧାର ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ତାଳଗଛ ରୋପଣ ପାଇଁ ପଦକ୍ଷେପ**

**୮୧ . ଶ୍ରୀ ପ୍ରଶାନ୍ତ ବେହେରା :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ କି.ମି. ରାସ୍ତାରେ ପଥପାର୍ଶ୍ୱ ବନୀକରଣ କରାଯାଇଛି

ପ୍ରକାଶ କରି ବଜ୍ରପାତ ରୋକିବାରେ ସହାୟକ ହେଉଥିବା ତାଳଗଛର ବ୍ୟାପକ ରୋପଣ ପାଇଁ ସରକାର ପଦକ୍ଷେପ ନେବାକୁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ସାଲେପୁର ବିଜ୍ଞାପିତ ଅଞ୍ଚଳରେ ସହରୀ ଯୋଜନା ପ୍ରଣୟନ**

**୮୨ . ଶ୍ରୀ ପ୍ରଶାନ୍ତ ବେହେରା :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ପ୍ରସ୍ତାବିତ ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଉନ୍ନତ ସହରୀ ଯୋଜନା ପ୍ରଣୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

**ମନ୍ଦିର ଟ୍ରଷ୍ଟ ବୋର୍ଡ ଅର୍ଥ ସଠିକ୍ ପରିଚାଳନା**

**୮୩ . ଶ୍ରୀ ପ୍ରଶାନ୍ତ ବେହେରା :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ବିଭିନ୍ନ ଦେବୋତ୍ତର ସଂସ୍ଥାର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାଙ୍କରେ ଜମାଖାତା ନ ଖୋଲି ମନ୍ଦିରକୁ ଆସୁଥିବା ଦାନ ଓ ଦେୟ ସଠିକ୍ ପରିଚାଳନା ହେଉନଥିବା ପରିପ୍ରେକ୍ଷୀରେ ପ୍ରତ୍ୟେକ ଟ୍ରଷ୍ଟ ବୋର୍ଡ ତରଫରୁ ବ୍ୟାଙ୍କରେ ଜମାଖାତା ଖୋଲି ଏଠାରେ ବିବାହ, ବ୍ରତ, ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ଆଦାୟ ଅର୍ଥକୁ ଦୈନିକ ବ୍ୟାଙ୍କରେ ଜମା କରିବାକୁ ସରକାର ବ୍ୟବସ୍ଥା କରିବେ କି ?

**ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ**

**୮୪ . ଶ୍ରୀ ସୁଧୀର କୁମାର ସାମଲ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ମୋଟ ଗ୍ରାମ ମଧ୍ୟରୁ କେତୋଟି ଗ୍ରାମକୁ ପାଇପ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, କେତେ ଗ୍ରାମକୁ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ଓ ପ୍ରସ୍ତାବାଧୀନ ଅଛି ପ୍ରକାଶ କରି ସମସ୍ତ ଗ୍ରାମକୁ ପାଇପ ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଜରାଜୀର୍ଣ୍ଣ ରାସ୍ତାର ପୁନଃନିର୍ମାଣ**

**୮୫ . ଶ୍ରୀ ସୁଧୀର କୁମାର ସାମଲ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାରେ ପାଞ୍ଚ ବର୍ଷ ଅବଧି ପୂର୍ଣ୍ଣ କରିଥିବା କେଉଁ କେଉଁ ବ୍ଲକରେ କେତେ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ଏହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

**ବ୍ରାହ୍ମଣୀ ନଦୀକୁ ପ୍ରଦୂଷଣମୁକ୍ତ କରିବା**

**୮୬ . ଶ୍ରୀ ସୁଧୀର କୁମାର ସାମଲ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବ୍ରାହ୍ମଣୀ ନଦୀ ଅତିବ ପ୍ରଦୂଷିତ ହୋଇଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ଏହାକୁ ପ୍ରଦୂଷଣମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

**ଦେବୋତ୍ତର ସଂସ୍ଥାର ଟ୍ରଷ୍ଟ ବୋର୍ଡ ଗଠନ**

**୮୮ . ଶ୍ରୀ ସୁଧୀର କୁମାର ସାମଲ :** ଆଇନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଥିବା କେଉଁ କେଉଁ ଦେବୋତ୍ତର ସଂସ୍ଥାରେ ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ ପ୍ରକାଶ କରି ତାହା ତୁରନ୍ତ ଗଠନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ଉଜୁଡା ଜଙ୍ଗଲର ବୃକ୍ଷ ରୋପଣ**

**୮୯ . ଶ୍ରୀ ମୌଷଧି ବାଗ୍ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାରେ ବିଗତ ପାଞ୍ଚ ବର୍ଷରେ କେତେ ପରିମାଣର ଜଙ୍ଗଲ ହ୍ରାସ ବୃଦ୍ଧି ଘଟିଛି ପ୍ରକାଶ କରି ଉଜୁଡା ଜଙ୍ଗଲରେ ବୃକ୍ଷରୋପଣ କରି ଜଙ୍ଗଲ ପରିମାଣ ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ଧର୍ମଗଡ ବିଜ୍ଞାପିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି**

**୯୦ . ଶ୍ରୀ ମୌଷଧି ବାଗ୍ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଧର୍ମଗଡ ବିଜ୍ଞାପିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ କେଉଁ କେନ୍ଦ୍ରୀୟ, କେନ୍ଦ୍ରୀୟ ପ୍ରବର୍ତ୍ତିତ ଓ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି ପ୍ରକାଶ କରିଏହି ସହରର ସର୍ବାଙ୍ଗୀନ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେକି?

**ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇବାକୁ ପଦକ୍ଷେପ**

**୯୧ . ଶ୍ରୀ ମୌଷଧି ବାଗ୍ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ କରୋନା ସ୍ଥିତିରେ ପ୍ରବାଶରୁ ଫେରିଥିବା ଓ ରାଜ୍ୟରେ ଥିବା ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇଦେବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

**ପ୍ରତ୍ୟେକ ଗ୍ରାମକୁ ରାସ୍ତା ସଂଯୋଗ**

**୯୨ . ଶ୍ରୀ ମୌଷଧି ବାଗ୍ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାର କେଉଁବ୍ଲକର କେତୋଟି ଗ୍ରାମକୁ ଅଦ୍ୟାବଧି ରାସ୍ତା ସଂଯୋଗ ହୋଇନାହିଁ ପ୍ରକାଶ କରି ସେହି ଗ୍ରାମଗୁଡ଼ିକୁ ରାସ୍ତା ସଂଯୋଗପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ଗ୍ରାମକୁ ସବୁଦିନିଆ ରସ୍ତା ସଂଯୋଗ**

**୯୩ . ଶ୍ରୀ ମୌଷଧି ବାଗ୍ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କେଉଁବ୍ଲକର କେଉଁଗ୍ରାମ ପଞ୍ଚାୟତର କେଉଁଗ୍ରାମକୁ ଅଦ୍ୟାବଧି ରାସ୍ତା ସଂଯୋଗ ହୋଇପାରିନାହିଁ ପ୍ରକାଶ କରି ସେହି ଗ୍ରାମଗୁଡ଼ିକୁ ସବୁଦିନିଆରାସ୍ତା ସଂଯୋଗ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ପାଇପ ଯୋଗେ ପାନୀୟଜଳ ଯୋଗାଣ**

**୯୪ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଆଠମଲିକ କିଶୋରନଗର ଓ ଅନୁଗୋଳ ବ୍ଲକର (୯ ଗୋଟି ଗ୍ରାମପଞ୍ଚାୟତ)ର ମୋଟ ଗ୍ରାମ ମଧ୍ୟରୁ କେତୋଟି ଗ୍ରାମକୁ ପାଇପ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ଷମ ହୋଇଛି, କେତୋଟି ପ୍ରକଳ୍ପ ଚାଲୁରହିଛି ଓ ପ୍ରସ୍ତାବ ମଞ୍ଜୁରୀ ହୋଇଛି ନିର୍ବାଚନମଣ୍ଡଳୀର ସମସ୍ତ ଗ୍ରାମକୁ ପାଇପ ଜଳଯୋଗାଣ ସୁବିଧା ଯୋଗାଇଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ**

**୯୫ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଠମଲିକ ନିର୍ବାଚନ ମଣ୍ଡଳୀରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବା ମୋଟ କେତେ କି.ମି. ରାସ୍ତାରୁ କେତେ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃ ନିର୍ମାଣ କରି ଗମନାଗମନ ଉପଯୋଗୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଶାଳ ଓ ଶିଆଳୀ ପତ୍ର ଦ୍ୱାରା ଖଲିପତ୍ର ପ୍ରସ୍ତୁତ**

**୯୬ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଜଙ୍ଗଲରୁ ଉପଲବ୍ଧ ଶାଳପତ୍ର, ଶିଆଳୀପତ୍ର ମାଧ୍ୟମରେ ଖଲି ପ୍ରସ୍ତୁତ କରି ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଆଠମଲ୍ଲିକ୍ ସହର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

**୯୭ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କେଉଁ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଓ ରାଜ୍ୟ ଯୋଜନା ପ୍ରଣୟନ ମାଧ୍ୟମରେ ଆଠମଲ୍ଲିକ୍ ସହରର ବିକାଶ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି, ପ୍ରକାଶକରି ଏହି ସହରର ସର୍ବାଙ୍ଗୀନ ବିକାଶ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଣ**

**୯୮ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କରୋନା ସ୍ଥିତିରେ ରାଜ୍ୟରେ ଅଧିକ କର୍ମ ନିବାସ ସୃଷ୍ଟି କରି ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇଦେବାକୁ ସରକାର କି ସ୍ୱତନ୍ତ୍ର ଯୋଜନା କରୁଛନ୍ତି ?

**ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ**

**୯୯ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ (MGNREGA) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ ଦ୍ୱାରା କେଉଁ କେଉଁ ପ୍ରକଳ୍ପ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇ କେତେ ଟଙ୍କା ବିନିଯୋଗ କରାଯାଇଛି ତାହାର ବ୍ଲକ ଓ ପ୍ରକଳ୍ପୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

**ବୃକ୍ଷରୋପଣର ପଦ୍ଧତି**

**୧୦୦ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଗତବର୍ଷ ବନୀକରଣ କାର୍ଯ୍ୟକ୍ରମ ଦ୍ୱାରା କେତେ ପରିମାଣର ବୃକ୍ଷ କେଉଁ କେଉଁ ପ୍ରକାର ବୃକ୍ଷରୋପଣ ପଦ୍ଧତିରେ କରାଯାଇ କେତେ ଅର୍ଥ ବିନିଯୋଗ କରାଯାଇଛି ଜଣାଇବେ କି ; 2019-20 ଏବଂ 2020-21ଆର୍ଥିକ ବର୍ଷରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକରେ ବନୀକରଣ କାର୍ଯ୍ୟକ୍ରମ ଦ୍ୱାରା କେତେ ପରିମାଣର ବୃକ୍ଷରୋପଣ କରାଯାଇ କେତେ ଅର୍ଥ ବିନିଯୋଗ କରାଯାଇଛି ?

**କଙ୍କ୍ରିଟ ରାସ୍ତାର ପରିମାଣ**

**୧୦୧ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ପଞ୍ଚାୟତ ସମିତିର କେଉଁ ଗ୍ରାମ ପଞ୍ଚାୟତରେ ମୋଟ କେତେ କିଲୋମିଟର ପଞ୍ଚାୟତ ରାସ୍ତା, ପଞ୍ଚାୟତ ସମିତିରାସ୍ତା ଥିବାବେଳେ ତନ୍ମଧ୍ୟରୁ କେତେ କି.ମି. ରାସ୍ତା କଂକ୍ରିଟ ହୋଇଛି ଅବଶିଷ୍ଟ ରାସ୍ତାକୁ କଂକ୍ରିଟ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ**

**୧୦୨ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲାର କେଉଁ ବ୍ଲକରେ କେତେ କି.ମି. ଗ୍ରାମ ଉନ୍ନୟନ ରାସ୍ତାଥିବାବେଳେ ତନ୍ମଧ୍ୟରୁ କେତେ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃ ନିର୍ମାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

**ହେନ୍ତାଳ ବଣ ସୃଷ୍ଟି**

**୧୦୩ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲାରେ ସମୁଦ୍ର ଉପକୂଳର ସୁରକ୍ଷା ପାଇଁ ଅଧିକ ହେନ୍ତାଳ ବଣ ସୃଷ୍ଟି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ରାସ୍ତା ହସ୍ତାନ୍ତର**

**୧୦୪ . ଶ୍ରୀ ସଞ୍ଜୀବ କୁମାର ମଲ୍ଲିକ :** ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ପୌରପାଳିକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୃହ ନିର୍ମାଣ ସମୟରେ ପଛପାଖ ଜମିକୁ ବାଟ ବନ୍ଦ ସହ ଜଳ ନିଷ୍କାସନ ବ୍ୟବସ୍ଥା ବ୍ୟାହତ ହେଉଥିବା ପ୍ରତି ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଜଳ ନିଷ୍କାସନ ଅତୁଟ ସହ ପଛପାଖ ଜମିକୁ ବାଟ ବ୍ୟବସ୍ଥା ସହିତ ବିଲଡର୍ସମାନେ ନିର୍ମାଣ କରିଥିବା ରାସ୍ତାକୁ ଉନ୍ନତ କରି ପୌରପାଳିକାକୁ ହସ୍ତାନ୍ତର ପାଇଁ ବ୍ୟବସ୍ଥା କରିବେ କି ?

**( Computerised By N.I.C  Odisha State Unit and Compiled at O.L.A Computer Center.)**